## ସଂକ୍ଷେପରେ

### ସତ୍ୟଜିତ ଭାଜପା କ୍ଷେତ୍ରୀୟ ମିଡିଆ ସଂଯୋଜକ



**ବାଲେଶ୍ୱର ଅଫିସ, ୧।୩:** ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ସାରା ରାଜ୍ୟରେ ୭ଜଣ କ୍ଷେତ୍ରୀୟ ସଂଯୋଜକ ଓ ୮ଜଣ କ୍ଷେତ୍ରୀୟ ମିଡିଆ ପ୍ରଭାରୀ ନିଯୁକ୍ତ କରାଯାଇଛି। ବାଲେଶ୍ୱର କ୍ଷେତ୍ର ପାଇଁ ସତ୍ୟଜିତ ମିଶ୍ରଙ୍କୁ କ୍ଷେତ୍ରୀୟ ମିଡିଆ ସଂଯୋଜକ ଓ ସରୋଜ ସାମଲଙ୍କୁ କ୍ଷେତ୍ରୀୟ ମିଡିଆ ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦୁଝର, ଭଦ୍ରକ, ରାଇରଙ୍ଗପୁର, ବାରିପଦା ଓ ବାଲେଶ୍ୱରକୁ ନେଇ ବାଲେଶ୍ୱର କ୍ଷେତ୍ର ଗଠନ କରାଯାଇଛି। ମିଶ୍ର ଏହି ୫ଟି ସାଙ୍ଗଠନିକ ଜିଲାର ବିଧାନସଭା ଓ ଲୋକ ସଭା ପ୍ରଭାରୀଙ୍କ ସହ ମଧ ସଂଯୋଗ କରିବେ। ବୁଧବାର ଏନେଇ ବାଲେଶ୍ୱର ଭାଜପା ଜିଲା ସଭାପତି ମଦନମୋହନ ଦତ୍ତ ଓ ଅନ୍ୟାନ୍ୟ ଭାଜପା ନେତାମାନେ ସତ୍ୟଜିତ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମିଶ୍ର ୧୯୯୩ ମସିହାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରୁ ଛାତ୍ର ରାଜନୀତି ଜୀବନ ଆରମ୍ଭ କରିଥିଲେ। ସେ ଏକାଧାରରେ ଜଣେ ଶିକ୍ଷାବିତ୍, ବାଗ୍ମୀ ଓ ସକାରାତ୍ମକ ଚିନ୍ତନର ପ୍ରବକ୍ତା। ଏତଦ୍‌ବ୍ୟତୀତ ସେ ଇଂଲିଶ ଭାଷାର ପ୍ରଶିକ୍ଷକ ଭାବେ କିସ୍ ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି, ଦକ୍ଷିଣ କୋରିଆରୁ ମେଡାଲ ଅଫ୍ ଅନର ଲାଭ କରିଛନ୍ତି।

### ଗାଁକୁ ପଶିଲେ ୪ ହାତୀ, ଆକ୍ରମଣରେ ଜଣେ ଗୁରୁତର

**ସଜନାଗଡ଼, ୧।୩(ଡି.ଏନ.ଏ.):** ନୀଳଗିରି ଥାନା ବାଉଁଶବଣିଆ ପଞ୍ଚାୟତର ଢ଼ୋଲପୁର ଗ୍ରାମର ଜୟନ୍ତ ବେହେରା(୩୮) ରାତି ପ୍ରାୟ ସାଢେ ୭ଟା ବେଳେ ନିଜ ଘର ସମ୍ମୁଖ ଦନା ପ୍ରଧାନ ଘର ଦେଇ ଶୌଚ ପାଇଁ ବାଡ଼ିକୁ ଯାଉଥିବା ବେଳେ ଅନ୍ଧାରରେ ୪ଟି ହାତୀ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଯୁବକ ଜଣକ ଜୀବନ ବିକଳରେ ଚିତ୍କାର କରିବାରୁ ପଡ଼ୋଶୀ କାଳିଆ ପରିଡ଼ା, ଭୈରବ ପ୍ରଧାନ ଲାଇଟ୍ ଜାଳିବା ସହିତ ଟିଣ ବଜାଇବା ସହ ପାଟି କରିବାରୁ ୪ ହାତୀ ଦେବଗିରି ପାହାଡ଼କୁ ପଳାଇଥିଲେ। ପରିବାର ଲୋକେ ୧୦୮ ଯୋଗେ ଜୟନ୍ତଙ୍କୁ ନୀଳଗିରି ହସ୍‌ପିଟାଲ ନେଇ ଚିକିତ୍ସା କରିଥିଲେ।

# ପେସା ଶିକ୍ଷକତା, ନିଶା ପାଲା ପରିବେଷଣ



ସାଥି କଳାକାରମାନଙ୍କ ସହିତ ପାଲା ପରିବେଷଣ କରୁଛନ୍ତି ଅରୁପାନନ୍ଦ

**ସନ୍ତୋଷ କୁମାର ନାୟକ**
**ସିମୁଳିଆ, ୧।୩**

ଭାରତୀୟ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ ସମାଜର ପରିବର୍ତ୍ତନ ସହିତ ଆଧାତ୍ମିକ ଜ୍ଞାନର ପ୍ରଚାର ଉଦ୍ଦେଶ୍ୟରେ ଗତ ୧୮ବର୍ଷ ହେଲା ପାଲା ମାଧ୍ୟମରେ ସଚେତନ ସୃଷ୍ଟି କରୁଛନ୍ତି ଅରୁପାନନ୍ଦ ମଲିକ। ପାଲାରେ ନିଜର ପାଣ୍ଡିତ୍ୟ ପାଇଁ ତାଙ୍କୁ ମିଳିଛି ଗାୟକ ରସ ସାଗର ତତ୍ତ୍ୱଶ୍ରୀ ଉପାଧି। ତାଙ୍କ ଘର କଟକ ଜିଲା ଟିଗିରିଆ ବ୍ଲକ ଅଧୀନ ଭିରୁଡା ଅଞ୍ଚଳରେ। ନିଜ ଅଞ୍ଚଳର ୫ଜଣ ସାଥିଙ୍କୁ ନେଇ ସେ ଓଁ ଶ୍ରୀ ଶ୍ରୀ ମା' ମହାଶ୍ୟାମଳା ପାଲାସଂଘ ନାମରେ ଏକ ଅନୁଷ୍ଠାନ ଗଠନ କରି ଓଡିଶାର ବିଭିନ୍ନ ଅଞ୍ଚଳ ବୁଲି ପାଲା ପରିବେଷଣ କରୁଛନ୍ତି। ଆଧାତ୍ମିକ ପାଲା ସହିତ ସରକାରଙ୍କ ବିଭିନ୍ନ ଯୋଜନା ମ୍ୟାଲେରିଆ, ଝାଡାବାନ୍ତି ସଚେତନତା, ପାଇଖାନା ବ୍ୟବହାର ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତାର ପ୍ରୟାସ ଜାରି ରଖିଛନ୍ତି। ସିମୁଳିଆ ବ୍ଲକ ମଇତାପୁରରେ ଅନୁଷ୍ଠିତ ମୁନି ଉତ୍ସବ ଅବସରରେ ପାଲା ଗାଇବା ପାଇଁ ଆସିଥିବା ବେଳେ ଅରୁପାନନ୍ଦଙ୍କ ସହିତ ସାକ୍ଷାତ୍ ହୋଇଥିଲା।

ଭିରୁଡା ଅଞ୍ଚଳର ଲୀଳାବତୀ ଓ ଆର୍ତ୍ତବନ୍ଧୁ ମଲିକଙ୍କ ୫ପୁଅ ୨ଝିଅଙ୍କ ମଧ୍ୟରେ ଅରୁପାନନ୍ଦ ହେଉଛନ୍ତି ସାନ। ତେବେ ନିଜ ବଡବାପା ଗାୟକ ସ୍ୱର୍ଗତ ଅପର୍ତ୍ତି ମଲିକ ଓ ବଡଭାଇ ଗାୟକ ସ୍ୱର୍ଗତ ବ୍ରହ୍ମାନନ୍ଦ ମଲିକ ପାଲା ଗାଉଥିବାରୁ ପିଲାଦିନୁ ପାଲା ପ୍ରତି ତାଙ୍କର ମନ ବଳିଥିବା ସେ କହନ୍ତି। ରାଜନୀତି ବିଜ୍ଞାନରେ ଏମ୍ଏ ଓ ବିଏଡ୍ ପାସ ପରେ ଗତ ୧୪ବର୍ଷ ହେଲା ସେ ଶିକ୍ଷକତା କରି ଆସୁଛନ୍ତି। ବର୍ତ୍ତମାନ ଅରୁପାନନ୍ଦ ନିଜ ଅଞ୍ଚଳର ମହାଶ୍ୟାମଳା ନୋଡାଲ ୟୁପି ସ୍କୁଲର ସହକାରୀ ଶିକ୍ଷକ ଅଟନ୍ତି। ତାଙ୍କ ପତ୍ନୀ ବିଷ୍ଣୁପ୍ରିୟା ମଧ ଜଣେ ଶିକ୍ଷୟିତ୍ରୀ। ପତ୍ନୀଙ୍କ ସମେତ ଜଣେ ପୁଅ ଓ ଜଣେ ଝିଅଙ୍କୁ ନେଇ ତାଙ୍କ ସଂସାର। ତେବେ ବିଦ୍ୟାଳୟ ଛୁଟି ଦିନରେ ସେ ଏହି ପାଲା ପରିବେଷଣ କରୁଥିବା କହନ୍ତି। ବିଭିନ୍ନ ପୂଜା ପାର୍ବଣ, ଏକୋଇଶିଆ ଆଦିରେ ପାଲା ପରିବେଷଣ କରିଥାନ୍ତି। ପ୍ରତ୍ୟେକ ପାଲା ପାଇଁ ୫ରୁ ୬ହଜାର ଟଙ୍କା ମିଳିଥାଏ। ଏହି ଟଙ୍କା ନିଜ ଗ୍ରୁପ ମଧ୍ୟରେ ବଣ୍ଟନ କରାଯାଏ। ତାଙ୍କ ଗ୍ରୁପରେ ବାୟକ ରୂପେ ଲକ୍ଷ୍ମୀଧର ପଣ୍ଡା, ଶ୍ରୀପାଳି ସର୍ବେଶ୍ୱର ଆଖୁଆ ଓ ସଙ୍ଗୀତରେ ଦେବରାଜ ସ୍ୱାଇଁ, ଅଭୟ ଚରଣ ଜେନା ଓ ରଞ୍ଜନ ସ୍ୱାଇଁ ଅଛନ୍ତି। ପାଲା ସମ୍ପର୍କରେ ଅରୁପାନନ୍ଦ କହନ୍ତି ପାଲା ପାଇଁ ଆଧାତ୍ମିକ ଜ୍ଞାନ ରହିବା ଜରୁରୀ। ପୂର୍ବରୁ ପାଲା ପୁରାଣ ଉପରେ ପର୍ଯ୍ୟବସିତ ଥିଲା। ବର୍ତ୍ତମାନେ ପାଶ୍ଚାତ୍ୟ ସଂସ୍କୃତିର ପ୍ରବେଶ ଯୋଗୁ ମେଲୋଡି, ରେକର୍ଡ ଡ୍ୟାନ୍ସରେ ଅଧିକ ଭିଡ ଜମୁଛି। ତେଣୁ ବର୍ତ୍ତମାନ ପାଲାକୁ ଲୋକାଭିମୁଖୀ କରିବା ପାଇଁ ପୁରାଣ ସହିତ ସାମାଜିକ, ଆଧାତ୍ମିକତାକୁ ଯୋଡି ପାଲା ପରିବେଷଣ କରାଯିବାର ଉଦ୍ୟମ ଚାଲୁରହିଛି। ଯାତ୍ରା, ସିନେମାରେ ପରିବାର ଲୋକେ ଏକାଠି ବସି ଦେଖିବା ପାଇଁ କୁଣ୍ଠାବୋଧ କରୁଥିବା ବେଳେ ପାଲାରେ ସମସ୍ତେ ଏକାଠି ବସି ଦେଖିପାରନ୍ତି। ତେବେ ଓଡିଶାରେ ବର୍ତ୍ତମାନ ପ୍ରାୟ୧୦ହଜାର ପାଲା ଗାୟକ ଅଛନ୍ତି। ସରକାର କଳାକାରମାନଙ୍କୁ ୧୨ଶହଟଙ୍କା ପ୍ରୋତ୍ସାହନ ଯୋଗାଇ ଦେଉଥିବା କହିଛନ୍ତି ଅରୁପାନନ୍ଦ।

## ସେଲ୍‌ଫି କର୍ଣ୍ଣର



ଭିକି



ଦୀପୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଅଙ୍ଗନୱାଡ଼ି କେନ୍ଦ୍ରରେ ଏଲ୍ ଏଣ୍ଡ ଟିର ଶାଖା ପରିଚାଳକ ଓ ଫିଲ୍ଡ ଅଫିସରଙ୍କୁ ଘେରିଛନ୍ତି ମହିଳା।

### ଘରକୁ ଆସି ଋଣ ଟଙ୍କା ଆଦାୟ

# ଅଧିକାରୀଙ୍କୁ ଘେରିଲେ ମହିଳା

**ସିମୁଳିଆ, ୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଗୌଡ଼ଦିଆ ଅଞ୍ଚଳକୁ ଆସି ଋଣ ଟଙ୍କାର ସୁଧ ଆଦାୟ କରୁଥିବା 'ଏଲ୍ ଏଣ୍ଡ ଟି' ନାମକ ଏକ ପ୍ରାଇଭେଟ ଋଣ ପ୍ରଦାନକାରୀ ସଂସ୍ଥାର ୨ କର୍ମଚାରୀଙ୍କୁ ଶୁକ୍ରବାର ମହିଳାମାନେ ଘେରିଥିଲେ। ମହିଳାମାନେ ପ୍ରତ୍ୟେକ ମାସ ଉକ୍ତ ସଂସ୍ଥାର କାର୍ଯ୍ୟାଳୟକୁ ଯାଇ ଟଙ୍କା ପଇଠ କରୁଥିବା ବେଳେ ପୂର୍ବରୁ ଚିହ୍ନା ନ ଥିବା କର୍ମଚାରୀମାନେ ଘରକୁ ଆସି ଟଙ୍କା ମାଗୁଥିବା ସନ୍ଦେହ ହୋଇଥିଲା। ତେବେ ଭଗିଆ, ଗୌଡ଼ଦିଆ ଓ ମାଟିଆପଡ଼ା ଅଞ୍ଚଳର ଶତାଧିକ ମହିଳାମାନେ ଉକ୍ତ ସଂସ୍ଥାର ଶାଖା ପରିଚାଳକ ରାଜେନ୍ଦ୍ର କୁମାର ସାହାଣୀ ଓ ଫିଲ୍ଡ ଅଫିସର ଅନୁଭବ ବାରିକଙ୍କୁ ନିକଟସ୍ଥ ଗୌଡ଼ଦିଆ ଅଙ୍ଗନୱାଡ଼ି କେନ୍ଦ୍ରକୁ ଡାକି ଘେରିଥିଲେ। ତେବେ ଶନିବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ମତ ପ୍ରକାଶ ପାଇଛି।

ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଭଡ଼ା ଗୃହରେ ଏହି କମ୍ପାନୀ ତାର ଋଣ ନେଣଦେଣ କାରବାର ଚଳାଇଛି। ତେବେ ଉକ୍ତ କମ୍ପାନୀର ମାଲିକ ସୁଧ ଛାଡ଼ି ଦେଇଥିବା କଥା ପୂର୍ବରୁ ପ୍ରଚାର ହୋଇଥିଲା। ଅପରପକ୍ଷେ କାର୍ଯ୍ୟାଳୟରେ ଟଙ୍କା ପଇଠ କରୁଥିବା ମହିଳାମାନଙ୍କ ନିକଟରେ ଅଜଣା ଆଦାୟକାରୀ ପହଞ୍ଚିବା ପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଉକ୍ତ ସଂସ୍ଥାର ଶାଖା ପରିଚାଳକ ରାଜେନ୍ଦ୍ର କୁମାର ସାହାଣୀଙ୍କୁ ପଚାରିବାରୁ ଋଣ ଛାଡ଼ ଗୁଜବ ସହିତ କର୍ମଚାରୀମାନଙ୍କ ଅଦଳବଦଳ ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି।

# ଅଧିକାରୀଙ୍କ ବଦଳରେ କିରାଣିଙ୍କ ଉପସ୍ଥିତି ନେଇ ଉଦ୍‌ବେଗ

### ଜିଲାପରିଷଦ ବୈଠକ

**ବାଲେଶ୍ୱର ଅଫିସ, ୧।୩**



ପଞ୍ଚମ ଜିଲା ପରିଷଦର ବୈଠକରେ ଜିଲା ପରିଷଦ ସଦସ୍ୟାସଦସ୍ୟ।

ବାଲେଶ୍ୱର ଜିଲାପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚମ ଜିଲାପରିଷଦର ଅଷ୍ଟମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଗତ ବୈଠକର ବିବରଣୀକୁ ଗୃହରେ ଅନୁମୋଦନ ପରେ ବିଭାଗୱାରି ୩ମାସ ମଧ୍ୟରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ସହ ଅଭିଯୋଗର ସମାଧାନ ଓ ମଞ୍ଜୁର ପ୍ରାପ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ନ ରହି କିରାଣି ଏବଂ ତଳ ଅଧିକାରୀମାନଙ୍କୁ ପଠାଇ ଦେଇଥିବାରୁ ସେମାନଙ୍କଠାରୁ ଠିକ୍ ଉତ୍ତର ନ ପାଇ ଜିଲାପରିଷଦ ସଦସ୍ୟାସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା, ସାଧାରଣ ବଣ୍ଟନ ଓ ଖାଉଟି କଲ୍ୟାଣ, ସାମାଜିକ ସୁରକ୍ଷା, ଶିଶୁ ବିକାଶ ଯୋଜନା, ଉଠାଜଳସେଚନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଭୁକ୍ତ। ବିଶେଷ ଭାବେ କାଳିଆ ଯୋଜନାରେ ହିତାଧିକାରୀ ଚୟନକୁ ନେଇ ଗ୍ରାମାଞ୍ଚଳରେ ଉପୁଜୁଥିବା ଦ୍ୱନ୍ଦ୍ୱକୁ ସୁଧାରିବା ପାଇଁ ସଭ୍ୟମାନେ କୃଷି ଉପନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ। ସେହିପରି ବିଭିନ୍ନ ସ୍ଥାନରେ ଚାଷୀମାନଙ୍କ ନିକଟରେ ଧାନର ଅଭାବୀ ବିକ୍ରିକୁ ନେଇ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏପ୍ରିଲ୍ ଯାଏ ଧାନ କିଣିବାକୁ ଜିଲାପାଳଙ୍କ ମାଧ୍ୟମରେ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ୁଥିବା ନେଇ ଗୃହରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏ ଦିଗରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯିବା ନେଇ ସଂକଳ୍ପ ପାରିତ କରିବାକୁ ସଭ୍ୟମାନେ ଦାବି କରିଥିଲେ। ୫୪ଟି ଏଏନ୍ଏମ୍ ପଦବୀ ଖାଲି ରହିଥିବା ରିପୋର୍ଟରୁ ଜଣାପଡ଼ିଛି। ଶିକ୍ଷକ ବଦଳି ବେଳେ ବିଦ୍ୟାଳୟର ପ୍ରକୃତ ତଥ୍ୟ ଉପରେ ନଜର ରଖିବାକୁ ଜିଲା ଶିକ୍ଷାଧିକାରୀଙ୍କୁ କୁହାଯାଇଥିଲା। ଜିଲାପରିଷଦ ସଭ୍ୟାସଭ୍ୟମାନେ ତାଙ୍କ ନିଜ ଅଞ୍ଚଳର ବିକାଶ ନିମନ୍ତେ ପ୍ରକଳ୍ପ ପ୍ରସ୍ତାବ ନ ଦେବା ଫଳରେ ପ୍ରତି ସଦସ୍ୟ ପିଛା ୩.୭୫ ଲକ୍ଷ ଅର୍ଥରାଶି ଡିଆରଡିଏ ତରଫରୁ ପ୍ରଦାନ କରାଯିବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରୁ ନ ଥିବାବେଳେ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ ଗୃହରେ ପ୍ରକାଶ କରିଥିଲେ। ବୈଠକରେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ତାଙ୍କ ୫ ବର୍ଷର ଏମ୍‌ପି ଦାୟିତ୍ୱ ଭିତରେ ଏହା ଶେଷ ଜିଲା ପରିଷଦ ବୈଠକ ବୋଲି ସମ୍ବୋଧନ କରିବା ସହ ବିଗତ ଦିନରେ ଜିଲା ପରିଷଦ ସଭ୍ୟାସଭ୍ୟମାନେ ତାଙ୍କୁ ଯେଉଁ ସହଯୋଗ ପ୍ରଦାନ କରିଛନ୍ତି ସେଥିପାଇଁ କୃତଜ୍ଞତା ଜଣାଇଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ସମେତ ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅଶ୍ୱିନୀ ପାତ୍ର, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲାପରିଷଦ ଉପାଧ୍ୟକ୍ଷ ଗୌରାଙ୍ଗ ଚରଣ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ।



ସିମୁଳିଆ କଲେଜର ଦୁଇଜଣ ଛାତ୍ରୀ କୌଶଳ ପ୍ରଦର୍ଶନ କରୁଛନ୍ତି।

### ୩୩୦ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ସିମୁଳିଆ, ୧।୩(ଡି.ଏନ.ଏ.)**

ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାହସର ସହିତ ସାମ୍ନା କରିବା ପାଇଁ ସିମୁଳିଆ କଲେଜର ୩୩୦ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଦିଆଯାଇଛି। ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗରେ ମୋଟ୍ ୧୧ଟି ଗ୍ରୁପ୍ ଜରିଆରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗତ ୨୮ତାରିଖରୁ ୬ମାସ ବ୍ୟାପୀ ପରିଚାଳିତ ଶିବିରରେ ଟ୍ରେନିଂ ଅଫିସର ରୂପେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ସରିତା ନାୟକ ଓ ରୋଜାଲିନ ଷଣ୍ଢ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଡ. ଅଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିବିର ଦାୟିତ୍ୱରେ ଅଧ୍ୟାପିକା ସ୍ୱର୍ଣ୍ଣଲତା ମିଶ୍ର ଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ଗୋପବନ୍ଧୁ ମିଶ୍ର, ଶରତ କୁମାର ମହାପାତ୍ର, ମାଷ୍ଟର ଆପଲୋ ପ୍ରମୁଖ ଏହାର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କ୍ରୀଡ଼ା ଅଧ୍ୟାପକ ବାଇଧର ମହାକୁଡ଼ ଧନ୍ୟବାଦ ଦେଇଥିଲେ।

### ପାଠାଗାର ଉଦ୍‌ଘାଟିତ

**ସୋର, ୧।୩(ଡି.ଏନ.ଏ.):** ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁର ଶ୍ରୀନିବାସ ଡିଗ୍ରୀ କଲେଜ ପରିସରରେ ଶୁକ୍ରବାର ଅନନ୍ତ ଚରଣ ମହାନ୍ତି ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି ପିତା ସ୍ୱର୍ଗତ ଅନନ୍ତ ଚରଣ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପାଠାଗାର ନିଜସ୍ୱ ଅର୍ଥରେ ଗୃହନିର୍ମାଣ କରିଥିଲେ। ପିଲାମାନଙ୍କ ପାଇଁ ପାଠପଢ଼ିବାର ସମସ୍ତ ବନ୍ଦୋବସ୍ତ କରାଯିବା ପରେ ଆଜି ଏହାକୁ ଦାସଙ୍କ ଧର୍ମପତ୍ନୀ ଅନଙ୍ଗ ମଞ୍ଜରୀ ଉଦଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ପରମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡ. ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ।

### ଆର୍ଥିକ ବିକାଶରେ ଜୀବବିଜ୍ଞାନ ଭୂମିକା ଆଲୋଚନା

**ବଡ଼ସାହି, ୧।୩(ସ୍ୱ.ପ୍ର.)**

ବଡ଼ସାହି କଲେଜ ପରିସରରେ ଜୀବବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ହରିହର ଜେନା ଉପସ୍ଥିତ ରହି 'ଅର୍ଥନୈତିକ ବିକାଶ କ୍ଷେତ୍ରରେ ଜୀବବିଜ୍ଞାନ'ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପକ ହରିହର ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ପ୍ରକାଶ ଚନ୍ଦ୍ର ମହାପାତ୍ର, ସୁଶାନ୍ତ ନାୟକ,ପ୍ରାଧ୍ୟାପକ ପ୍ରଭାକର ସିଂହ ପ୍ରମୁଖ ଉପସ୍ଥିତ ରହି ହରିହର ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ପରିଚିତ ଥିଲେ ବୋଲି ବକ୍ତବ୍ୟ ପ୍ରକାଶ କରିଥିଲେ।

### 'ସାଧାରଣ ଲୋକଙ୍କ ଚେତନାରେ ଉଦ୍ଭିଦର ଖାଦ୍ୟଗୁଣ'

**ତିହିଡ଼ି, ୧।୩ (ଡି.ଏନ.ଏ.)**




ସେମିନାରରେ ଯୋଗ ଦେଇଥିବା ଅତିଥିମାନେ।

ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ୟ ବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ସଭା ବିଭାଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। 'ସାଧାରଣ ଲୋକଙ୍କ ଚେତନାରେ ଉଦ୍ଭିଦର ଖାଦ୍ୟଗୁଣ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ମୁଖ୍ୟଅତିଥି ଭାବେ କଥାକାର ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳ ଯୋଗଦେଇ ମହାନ ଆତ୍ମା ଆମମାନଙ୍କ ଅନ୍ତରରେ ଉଜ୍ଜୀବିତ ହୋଇ ଆମକୁ ସୃଜନଶୀଳ କରାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ବିଷୟ ବିଶାରଦ ଭାବେ ଚାନ୍ଦବାଲି କଲେଜ ପ୍ରାଧ୍ୟାପକ ଡ. ତରଣୀସେନ ପଣ୍ଡା ଯୋଗଦେଇ ବିଷୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଗୀତାଞ୍ଜଳି ସୂତାର ବିଷୟ ଉପରେ ବକ୍ତବ୍ୟ ରଖିଥିଲେ।

ଛାତ୍ରୀ ଭାରତୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ଅର୍ଚ୍ଚନା ପାଣିଗ୍ରାହୀ, ନନ୍ଦିନୀ ଦାସ, ପ୍ରଯୁକ୍ତା ଗୋସ୍ୱାମୀ, ନୟନମଣି ନାୟକ, ବର୍ଷାରାଣୀ ବଳ, ପ୍ରଣତି ସାହୁ, ସମ୍ପଦ ଭୂୟାଁ, ବନଶ୍ରୀ ବେହେରା ପ୍ରମୁଖ 'ଇଥ୍‌ନୋ ବଟାନି', 'ଇକୋ କନସସ୍‌ନେସ', 'ହର୍ଟିକଲ୍‌ଚର କ୍ରପ୍' ପ୍ରକଳ୍ପ ଉପରେ ବିବରଣୀ ପ୍ରଦାନ କରିଥିଲେ। କାହ୍ନୁଚରଣ ଦାସ, ଅଙ୍କିତା ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ବାରିକ, ଜ୍ୟୋତିପ୍ରକାଶ ମହାନ୍ତି, ଶୁଭଶ୍ରୀ ପାତ୍ର, ଶଶାଙ୍କ ଦାସ ପ୍ରମୁଖ ୧ମ ଓ ୨ୟ ବର୍ଷ ପକ୍ଷରୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଜିତ୍ କୁମାର ସାହୁ, ବୈଜୟନ୍ତୀ ଓଝା, ଜଗନ୍ନାଥ ଦାସ, ଆଶୀର୍ବାଦ ବଳ, ରାକେଶ ରାଉତ, ସୁଧୀର ଖୁଣ୍ଟିଆ ଓ ଶୁଭସ୍ମିତା ଜେନା ପ୍ରମୁଖ ସମ୍ବର୍ଦ୍ଧନାର ଉତ୍ତର ଦେଇଥିଲେ। ବିଭାଗର ଡେମୋନଷ୍ଟ୍ରେଟର ରଶ୍ମିରଞ୍ଜନ ବେହେରା ଓ ସହଯୋଗୀ ହୃଷୀକେଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ଜ୍ୟୋତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୧।୩ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ପଞ୍ଚାୟତ ଡଗରପଡା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ପଣ୍ଡିତ ମାଧବଚନ୍ଦ୍ର ବିଶ୍ୱାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୁରୁବାର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷକ ପଦ୍ମନାଭ ଦାସ ଅଧ୍ୟକ୍ଷତା କରିଥିଲେ। ନାଟ୍ୟକାର ସୁଧାକର ନନ୍ଦ ମୁଖ୍ୟଅତିଥି, ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଏବଂ ମନୋଜ ରାଉତରାୟ, ପ୍ରଫୁଲ୍ଲ ସାହୁ, ରବୀନ୍ଦ୍ର ନନ୍ଦ, ସୁରେନ୍ଦ୍ର ଶଙ୍ଖୁଆ, ଅଜିତ ଦାସ, ସରସ୍ୱତୀ ନାୟକ, ଗୌରାଙ୍ଗ ଦତ୍ତ, ବିପିନ ଦାସ, ପୁରୁଷୋତ୍ତମ ଧଳ, ଡ. ନିରଞ୍ଜନ ଓଝା, ସୁବଳ ପତ୍ରୀ ଓ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବାସୁଦେବ ମହାପାତ୍ର ଅତିଥି ପରିଚୟ ପ୍ରଦାନ, ପ୍ରମୋଦ ସ୍ୱାଇଁ ଓ ସୁରେଶ ଚନ୍ଦ୍ର ସ୍ୱାଇଁ ମାନପତ୍ର ପାଠ କରିଥିଲେ। ସରସ୍ୱତୀ ନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷାର୍ଥୀ, ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ବିଦାୟୀ ଶିକ୍ଷକ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେଶ ପାତ୍ର, ଦିବାକର ସ୍ୱାଇଁ, ନାରାୟଣ ଜେନା, ପ୍ରଫୁଲ୍ଲ ନାୟକ ଓ ପ୍ରଣତି ନାୟକ ପ୍ରମୁଖ ସମାରୋହ ସଞ୍ଚାଳନା କରିଥିଲେ।

### ଶହୀଦଙ୍କ ସ୍ମୃତିରେ କବିତା ଆସର

**ଭଦ୍ରକ ଅଫିସ, ୧।୩**

ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ରୂପାୟନର ମାସିକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ନରିପୁରସ୍ଥିତ ରୂପାୟନର କାର୍ଯ୍ୟାଳୟରେ ଆୟୋଜିତ ଏହି କବିତା ଆସରକୁ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ରୂପାୟନର ପ୍ରତିଷ୍ଠାତା ଶ୍ରଦ୍ଧାଞ୍ଜଳି ରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ରୂପାୟନର ଭଦ୍ରକ ଜିଲା ଶାଖା ସଭାପତି କବି ପ୍ରମୋଦ ରାୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ଆଶୁତୋଷ ଦାସ ଓ ପଣ୍ଡିତ ଦୈତାରି ମହାପାତ୍ର ଯୋଗଦେଇ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଉପସ୍ଥିତ କବିମାନେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି କବିତା ପାଠ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ସଂକ୍ଷେପରେ

### ରମାକାନ୍ତ ପାଇବେ ‘ପ୍ରେମ ପୃଥିବୀ’ ସମ୍ମାନ



**ଭଦ୍ରକ ଅଫିସ, ୧।୩:** ଭଦ୍ରକରୁ ପ୍ରକାଶିତ ସାହିତ୍ୟ ପତ୍ରିକା ‘ପ୍ରେମ ପୃଥିବୀ’ର ମର୍ଯ୍ୟାଦାବନ୍ତ ୬ଷ୍ଠ ବାର୍ଷିକ ସାରସ୍ୱତ ସମ୍ମାନ ଚଳିତବର୍ଷ ପାଇବେ ବିଶିଷ୍ଟ କବି, ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ, କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ରମାକାନ୍ତ ରଥ। ଆସନ୍ତା ୩ ତାରିଖରେ ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କୁ ସମ୍ମାନିତ କରାଯିବ। ଭାଷା ସାହିତ୍ୟରେ ଡ. ରଥ ଜଣେ ବହୁଚର୍ଚ୍ଚିତ ସୃଜନ ବ୍ୟକ୍ତିତ୍ୱ। ଓଡ଼ିଆ ଆଧୁନିକ କାବ୍ୟ ସାହିତ୍ୟରେ ଜଣେ ସଫଳ ସ୍ରଷ୍ଟା ଭାବେ ସେ ଜାତୀୟ ଓ ରାଜ୍ୟସ୍ତରରେ ବହୁବାର ସମ୍ବର୍ଦ୍ଧିତ ହୋଇଛନ୍ତି। ଏ ସମ୍ପର୍କରେ ପ୍ରେମ ପୃଥିବୀର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା ଓ ପ୍ରକାଶିକା ଅନ୍ନପୂର୍ଣ୍ଣା ପଣ୍ଡା ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

### ସଚେତନତା କାର୍ଯ୍ୟକ୍ରମ

**ବନ୍ତ, ୧।୩ (ସ୍ୱ.ପ୍ର.):** ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଯୁବ କଲ୍ୟାଣ ପରିଷଦ, ଜିଲା ପ୍ରଶାସନ ଓ ବିଜୁ ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଅଗ୍ନି ନିର୍ବାପକ ଓ ସୁରକ୍ଷା, ବିପର୍ଯ୍ୟୟ ପ୍ରଶମନ ଆଦି ନେଇ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଓଡ଼ଙ୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ରାସ୍ତାରେ ଯାଉଥିବା ବାଇକ୍ ଚାଳକମାନଙ୍କୁ ହେଲ୍‌ମେଟ ବ୍ୟବହାର ପାଇଁ ସଚେତନ କରାଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ଶଶିକାନ୍ତ ଜେନା, ସରପଞ୍ଚ କିଶୋର କିଙ୍କର ପଢିଆରୀ, ଯୁବବାହିନୀ ସଭାପତି କୀର୍ତ୍ତିଶଙ୍କର ମହାନ୍ତି, ସମ୍ପାଦିକା ମିନତି ବେହେରା, ସଦସ୍ୟ ସତ୍ୟପ୍ରକାଶ ରାଉତ, ରମେଶ ମଲିକ, ସୁକାନ୍ତ ଦାସ, ରୁବିନା ଜେନା, ଅଭିମନ୍ୟୁ ମଲିକ, ଉତ୍ତମ ପୁହାଣ, ଶ୍ରୀଧର ବାରିକ ଓ ଜଗବନ୍ଧୁ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### କମ୍ପ୍ୟୁଟର ବିଜ୍ଞାନ ବିଭାଗର ଜାତୀୟ ପାଠଚକ୍ର

**ଭଦ୍ରକ ଅଫିସ, ୧।୩:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଦୁଇଦିନିଆ ୭ମ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅଧ୍ୟାପକ ଡ. ସଞ୍ଜୟ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଝାଡ଼ଖଣ୍ଡସ୍ଥିତ ଏକ ମହାବିଦ୍ୟାଳୟର ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧ୍ୟାପକ ଶେଷନାରାୟଣ ସାହୁ, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ବରୁଣ ଅଗ୍ରୱାଲ ଏବଂ ଏମ୍‌ଆଇଟିଏମ୍ ଭୁବନେଶ୍ୱର କମ୍ପ୍ୟୁଟର ବିଭାଗର ମୁଖ୍ୟ ବିନାୟକ ସାହୁ ଯୋଗ ଦେଇଥିଲେ। ଅତିଥିମାନେ ସଫ୍ଟ କମ୍ପ୍ୟୁଟିଂ ଟେକ୍‌ନିକ୍ସ ଇନ୍ ଇଞ୍ଜିନିୟରିଂ ଆପ୍ଲିକେସନସ୍ ବିଷୟ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଲଲାଟେନ୍ଦୁ ମୁଦୁଲି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅଧ୍ୟାପକ କବିରତ୍ନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୀଲ ପାଣିଗ୍ରାହୀ, ଦିଲୀପ କୁମାର ଗାହାଣ, ଲୁସିପ୍ରିୟା ବେହେରା, କିଶନ୍ ପାଲ ଏବଂ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଶିକ୍ଷକଙ୍କୁ ଉତ୍ଥାନ ଓ ଉଜ୍ଜ୍ୱଳ ପ୍ରଶିକ୍ଷଣ

**ଭଣ୍ଡାରିପୋଖରୀ, ୧।୩ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଭଣ୍ଡାରିପୋଖରୀ ସଞ୍ଜୁକ୍ତ ଉ.ପ୍ରା. ବିଦ୍ୟାଳୟଠାରେ ଉତ୍ଥାନ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ତଥା ଏବିଇଓ ଅଭିମନ୍ୟୁ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୪୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସାଧନ ବିଶେଷଜ୍ଞ ନିରଞ୍ଜନ ସାମଲ, ସମ୍ବିତ ମିଶ୍ର, ଆନନ୍ଦ ପାଢ଼ୀ, ସଞ୍ଜୟ ନନ୍ଦ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଜଳହରିସ୍ଥିତ ସାରସ୍ୱତ ଉଚ୍ଚ ବିଦ୍ୟାପୀଠଠାରେ ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିରକୁ ଏବିଇଓ ଧୀରେନ୍ଦ୍ର ନାଥ ଦାସ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆର୍‌ପି ଗଦାଧର ବାରିକ, ଜୟଦେବ ସେନାପତି, ସନ୍ତୋଷ ପଣ୍ଡା ୪୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ସେହିପରି ସାତଶୋଳା ପ୍ରାଥମିକ ବିଦ୍ୟାଳୟଠାରେ ୫୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆର୍‌ପି ଧନେଶ୍ୱର ସାହୁ, ବାସୁଦେବ ମହାପାତ୍ର, ଅରୁଣ କୁମାର ସେଠୀ, ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

## ବିଦ୍ୟୁତ୍ ନେଲା ଯୁବକଙ୍କ ଜୀବନ

# ମୃତଦେହ ରଖି ରାସ୍ତାରୋକୋ

**ଆରଡ଼ି, ୧।୩ (ଡି.ଏନ.ଏ.)**



ମାନସ ରାୟଙ୍କ ପରିବାର ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

- **କ୍ଷତିପୂରଣ ନେଇ ଆଲୋଚନା ବିଫଳ**
- **ପ୍ରଶାସନିକ ଅଧିକାରୀ ନ ଆସିବା ଯାଏ ଅବରୋଧ ଜାରି ରହିବ ବୋଲି କହିଲେ ମୃତକଙ୍କ ପରିବାର**

ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ ନାନ୍ଦପୁରରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ମାନସ ରଞ୍ଜନ ରାୟ(୪୦)। ତାଙ୍କ ଘର ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ମାଧପୁର ଗ୍ରାମରେ। ସେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ବିଭାଗ ଅଧୀନରେ ରହି କାମ କରୁଥିଲେ। ନାନ୍ଦପୁରରେ ଏକ ସ୍ଥାନରେ ଛିଡ଼ିଯାଇଥିବା ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ମାନସଙ୍କ ପରିବାର ସହ ଗାଁ ଲୋକେ ଆରଡ଼ି ସନ୍ନିକଟ ମଠଡିହଠାରେ ରାସ୍ତାରୋକୋ କରିଥିଲେ। ସେମାନେ ମୃତଦେହ ରଖି ରାସ୍ତାରେ ବସି ରହିଥିଲେ।

ମାନସଙ୍କ ଏଭଳି ମୃତ୍ୟୁ ପ୍ରତିବାଦରେ ତାଙ୍କ ପରିବାର ଲୋକେ ବିଦ୍ୟୁତ୍ ବିଭାଗ ଜେଇ,ଏସ୍‌ଡିଓ ଏବଂ ଜଣେ କର୍ମଚାରୀଙ୍କ ନାମରେ ଧୂଷୁରୀ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ୨୫/୧୯) ରୁଜୁ କରାଯାଇଛି। ରାସ୍ତା ଅବରୋଧ ଖବର ପାଇ ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ, ଧୂଷୁରୀ ଥାନା ଏଏସ୍‌ଆଇ ପ୍ରଦୀପ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ ମଧ କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିଲା। ପୋଲିସ ଅଧିକାରୀମାନେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ବାବଦରେ ଆଲୋଚନା ବିଫଳ ହୋଇଥିଲା। ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ନ ଆସିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ମୃତ ମାନସଙ୍କ ପରିବାର ଲୋକେ ଅଡ଼ି ବସିଥିଲେ।





ଶିଶୁ ସୁରକ୍ଷା କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

# ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ

**ଭଣ୍ଡାରିପୋଖରୀ, ୧।୩ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସଭାଗୃହଠାରେ ଶୁକ୍ରବାର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ସୁରକ୍ଷା ଅଧିକାର ନିମନ୍ତେ ବ୍ଲକସ୍ତରରେ ଥିବା ଶିଶୁ ସୁରକ୍ଷା କମିଟି ଓ ପଞ୍ଚାୟତସ୍ତରୀୟ କମିଟିର ସମନ୍ୱୟ ସହ ବିଭାଗୀୟ ଅଂଶୀଦାରଙ୍କ ଭୂମିକା ସମ୍ପର୍କରେ ଅନୁଷ୍ଠିତ ଏହି କର୍ମଶାଳାରେ ଶିଶୁ ସୁରକ୍ଷା ୟୁନିଟ ପ୍ରୋବେଶନ ଅଧିକାରୀ ସୁବ୍ରତ ଦାସ ସଂଯୋଜନା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ବନମାଳୀ ତରାଇ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ସରୋଜିନୀ ସାହୁ, ସତ୍ୟବ୍ରତ ଦାସ, ଥାନା ଏଏସ୍‌ଆଇ ବିକ୍ରମ ହେମ୍ବ୍ରମଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ(ସରପଞ୍ଚ) ଓ ସମିତିସଭ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତସ୍ତରରେ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇ ଶିଶୁ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବା ସହ ଯତ୍ନ, ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ଚିହ୍ନଟ କରାଯାଇ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ବୈଷୟିକ ଅଧିବେଶନରେ କୁହାଯାଇଥିଲା। ଶିଶୁ ଅଧିକାର ଯେପରି ଉଲ୍ଲଂଘନ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ତଥ୍ୟାବଳୀ ପ୍ରଦର୍ଶନୀ କରାଯାଇଥିଲା। ପ୍ରଶିକ୍ଷକ ଭାବେ ଅନନ୍ତ ଗୋପାଳ ଦାସ ବ୍ଲକ ଏବଂ ପଞ୍ଚାୟତ କମିଟିର ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଖୋଲାମଞ୍ଚ ଆଲୋଚନାରେ ଗ୍ରାମାଞ୍ଚଳରେ ବିପଦରେ ଥିବା ଶିଶୁଙ୍କୁ ଉଦ୍ଧାର କରି ତତ୍‌କ୍ଷଣାତ୍ ସୁରକ୍ଷା ପ୍ରଦାନ ଓ ବିଭିନ୍ନ ଯୋଜନା ମାଧ୍ୟମରେ ଶିଶୁଙ୍କୁ ଥଇଥାନ କରିବା ସହ ଚାଇଲ୍ଡ ଲାଇନ ବିଷୟରେ ସଚେତନ ହେବାକୁ ଗୁରୁତ୍ୱ ଦେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ବନ୍ତ, ୧।୩ (ଡି.ଏନ.ଏ.)**





ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଶିଳାନ୍ୟାସ କରାଯାଉଛି।

ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ ବିଜେଡି ପକ୍ଷରୁ ନିମାପଡ଼ାଠାରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୬୩ ଲକ୍ଷ ଟଙ୍କା ବ୍ୟୟରେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ୧ କୋଟିର ବନ୍ତ ନୂତନ ମାର୍କେଟ କମ୍ପ୍ଲେକ୍ସର ଶିଳାନ୍ୟାସ, ନିମାପଡାଠାରେ କଲ୍ୟାଣ ମଣ୍ଡପର ଶିଳାନ୍ୟାସ, ଦୋଳପଦିଠାରେ କମ୍ୟୁନିଟି ସେଣ୍ଟର, ନରସିଂହପୁର ହରିହାଟ ଗୃହର ଉଦ୍‌ଘାଟନ କରାଯାଇଥିଲା। ପରେ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ାଠାରେ କର୍ମୀ ସମାବେଶରେ ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ସାମଲ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ମନ୍ତ୍ରୀଙ୍କ ପ୍ରତିନିଧି ଜିତେନ୍ଦ୍ର ନାୟକ, ସରପଞ୍ଚ ବିଜୟ ବିଶ୍ୱାଳ, ନିହାରିକା ରାଉତ, କୃପାସିନ୍ଧୁ ସେଠୀ, କିଶୋର କିଙ୍କର ପଢିଆରୀ, ନିମାଇଁ ଚରଣ ଜେନା, ମାଧବାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସେମାନେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପଞ୍ଚାୟତରୁ ବିଜୁ ଯୁବବାହିନୀ କର୍ମୀଙ୍କ ସମେତ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।

## କାନ୍ତକବିଙ୍କ ସ୍ମୃତିମଣ୍ଡପ ଉତ୍ସର୍ଗ କରିବେ ମୁଖ୍ୟମନ୍ତ୍ରୀ

**ତିହିଡ଼ି, ୧।୩ (ଡି.ଏନ.ଏ.)**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିମଣ୍ଡପ, କମ୍ୟୁନିଟି ସେଣ୍ଟର ଓ ସମାଧି ପୀଠକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ସର୍ଗ କରିବେ। ଚାନ୍ଦବାଲି ଦୁର୍ଗାପଡ଼ିଆରେ ଶନିବାର ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହାକୁ ଉତ୍ସର୍ଗ କରିବେ। ପରେ କାନ୍ତକବିଙ୍କ ଜନ୍ମମାଟି ତିହିଡ଼ି ବ୍ଲକ ତାଳପଦା ଗ୍ରାମରେ ଏହାକୁ ଉଦ୍‌ଘାଟନ କରାଯିବ ବୋଲି ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶୁକ୍ରବାର ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ଶନିବାର ଅପରାହ୍ନରେ ତାଳପଦାଠାରେ ସ୍ୱତନ୍ତ୍ର ଉତ୍ସବର କାର୍ଯ୍ୟକ୍ରମ ରହିଥିବା ବିଧାୟକ ମଣ୍ଡଳ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ଜିଲାପରିଷଦ ସଭ୍ୟ ଚିନ୍ତାମଣି ଦାସ, ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ହରେକୃଷ୍ଣ ପାଢ଼ୀ, ସରପଞ୍ଚ ପ୍ରଦୀପ ପଣ୍ଡା, ହରେକୃଷ୍ଣ ଜେନା, ହରିଶ୍ଚନ୍ଦ୍ର ମିଶ୍ର, ବାଣିକଲ୍ୟାଣ ମହାପାତ୍ର, ଯତିନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା

**ଭଦ୍ରକ ଅଫିସ, ୧।୩**

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଭଦ୍ରକ କୋର୍ଟ ପରିସରରେ ମୋଟର ଦୁର୍ଘଟଣା ବୀମା ଦାବିଜନିତ ମକଦ୍ଦମା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପରିବାର ଅଦାଲତ ନ୍ୟାୟାଧୀଶ ସଞ୍ଜୀବ ଦୁବେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣତି ସାହା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଜେନା, ବରିଷ୍ଠ ଦେୱାନୀ ଜଜ୍ ଲୋପାମୁଦ୍ରା ମଲ୍ଲ, ରେଜିଷ୍ଟ୍ରାର ଜନକ ରାଉତ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଗୌତମ ମିଶ୍ର, ମାଜିଷ୍ଟ୍ରେଟ ସୃଜନ ସାରସ୍ୱତ ଓ ସୁକନ୍ୟା ଶତପଥୀ, ପ୍ରୋବେଶନର ଜଜ୍ ରଶ୍ମିନାରାୟଣ ମିଶ୍ର, ନର୍ମଦା କର ଏବଂ ସସ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର ପରିଚାଳନା କରିଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଚାନ୍ଦବାଲି ଗସ୍ତ

**ଚାନ୍ଦବାଲି, ୧।୩ (ଡି.ଏନ.ଏ.)**

ଶନିବାର ଚାନ୍ଦବାଲି ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚାନ୍ଦବାଲିସ୍ଥିତ ଦୁର୍ଗାପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏଥିସହ ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ରହିଛି। ଏହାପରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେବେ।

# ପୃଥକ୍ ଅଗ୍ନିକାଣ୍ଡ: ୭ ପରିବାର ସର୍ବସ୍ୱାନ୍ତ

**ଆରଡ଼ି/ତିହିଡ଼ି, ୧।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ସୁନ୍ଦରପୁର ପଞ୍ଚାୟତର ଖଟୁଆପାଟଣା ଏବଂ ତିହିଡ଼ି ବ୍ଲକ ମହରମପୁର ପଞ୍ଚାୟତର ତରାସାହି ଗ୍ରାମରେ ପୃଥକ୍ ଅଗ୍ନିକାଣ୍ଡ ଘଟି ୭ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ୭ ପରିବାରର ୧୧ ବଖରା ଜଳିଯାଇଛି। କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦିଆଯିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

ଖଟୁଆପାଟଣା ଗାଁରେ ଶୁକ୍ରବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଲକ୍ଷ୍ମୀଧର ଖଟୁଆଙ୍କ ୩, ଅଶୋକ ଖଟୁଆଙ୍କ ୨ ବଖରା ସମେତ ଶ୍ରୀଧର ଖଟୁଆ, ଶ୍ରୀପତି ଖଟୁଆ, ଅଭୟ ନାୟକ ଓ ପରିମଳ ଖଟୁଆଙ୍କର ବଖରାଏ ଲେଖାଏ ମୋଟ ୯ ବଖରା ପୋଡ଼ି ଯାଇଛି। ସେମାନଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି, ଜମିପଟ୍ଟା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଗ୍ରାମବାସୀ ଚେଷ୍ଟା ସତ୍ତ୍ୱେ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ବହୁ ବିଳମ୍ବରେ ଦମକଳ ବାହିନୀ ଆସି ନିଆଁ ଲିଭାଇଥିଲା। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଆରଡ଼ି ଆର୍‌ଆଇ ଦେବାଶିଷ ରାୟ ଉକ୍ତ ଗ୍ରାମରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ ଅଗ୍ନିବିପନ୍ନ ପରିବାରକୁ ସାହାଯ୍ୟ କରିବା ସହ ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ସରପଞ୍ଚ କିଶୋର ନାୟକ ଅଗ୍ନିବିପନ୍ନ ପରିବାରକୁ ଭେଟିଥିଲେ। ତିହିଡ଼ି ତରାସାହି ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଉମାକାନ୍ତ ବେହେରାଙ୍କ ୨ ବଖରା ଜଳିଯାଇଛି। ତିହିଡ଼ିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ଚୁଲିରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି।



ତିହିଡ଼ିରେ ପୋଡ଼ିଯାଇଥିବା ଘର।

# ଧାମନଗର ବିଜେଡିରେ ଗୋଷ୍ଠୀ କନ୍ଦଳ

**ଧାମନଗର, ୧।୩ (ଡି.ଏନ.ଏ.)**

- **ଶକ୍ତି ପ୍ରଦର୍ଶନ କଲା ସଚେତନ ନାଗରିକ ମଞ୍ଚ**
- **ଅଭିଯୋଗକୁ ଖଣ୍ଡନ କଲେ ବ୍ଲକ ବିଜେଡି ସଭାପତି**

ଧାମନଗରରେ ଅସନ୍ତୁଷ୍ଟ ବିଜେଡି ତଥା ସଚେତନ ନାଗରିକ ମଞ୍ଚ ଶକ୍ତି ପ୍ରଦର୍ଶନ କରିଛି। ମଞ୍ଚ ପକ୍ଷରୁ ମଙ୍ଗଳବାର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ଶହୀଦନଗର ଶହୀଦ ପୀଠରୁ ବାହାରି ଧୂଷୁରୀ ଅଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ହଟାଅ, ଅନ୍ୟ ପ୍ରାର୍ଥୀକୁ ଆଣ ବୋଲି ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରାରେ ସମ୍ମୁଖ ଭାଗରେ ମଞ୍ଚ ନେତା ତଥା ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଏକ ଜିପ୍‌ରେ ବସିଥିଲେ। ତାଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା।

ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଧାୟକ ମଣ୍ଡଳଙ୍କୁ ଏଥର ଟିକେଟ୍ ନ ଦେବାକୁ ଦାବି କରାଯାଇଥିଲା। ବିଧାୟକ ମଣ୍ଡଳ ଜଣେ ଦୁର୍ନୀତିଗ୍ରସ୍ତ, ଦଳୀୟ କର୍ମୀଙ୍କୁ ଅଣଦେଖା କରୁଛନ୍ତି। ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣ ସମୟରେ ବିଧାୟକ ଧାମନଗର ମହୋତ୍ସବରେ ନାଚଗୀତରେ ମସ୍‌ଗୁଲ ଥିବା ମଞ୍ଚ ପକ୍ଷରୁ ରାମଚନ୍ଦ୍ର ସାହୁ ଅଭିଯୋଗ କରିଥିଲେ। ମଞ୍ଚ ତରଫରୁ ଗତ ୨୩ ତାରିଖରେ ବିଧାୟକଙ୍କ ବିରୋଧରେ ଲିଖିତ ଭାବେ ରାଜ୍ୟ ନେତୃବୃନ୍ଦଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଥିଲେ। ଆସନ୍ତା ନିର୍ବାଚନରେ ବିଧାୟକଙ୍କୁ ଟିକେଟ୍ ପ୍ରଦାନ କରାଗଲେ ଏହା ବିଜେଡି ପାଇଁ ମହଙ୍ଗା ପଡ଼ିବ ବୋଲି ଏହି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଥିଲା। ଆଗାମୀ ନିର୍ବାଚନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ଟିକେଟ୍ ମିଳୁ ବୋଲି ମଞ୍ଚ ଦାବି କରିଥିଲା। ଦେବେନ୍ଦ୍ର ପୁହାଣ, ବିଜୟ ମିଶ୍ର, ଅତିଶ ନନ୍ଦ, ସୂର୍ଯ୍ୟକାନ୍ତ ନାୟକ, ଦିଲୀପ ମିଶ୍ର, ବୁଟୁ ମହାନ୍ତି, ପ୍ରକାଶ ମହାନ୍ତି ଓ ସୁବାସ ମହାକୁଡ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା ମଞ୍ଚ କର୍ମକର୍ତ୍ତାଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ୫ ବର୍ଷ ମଧ୍ୟରେ ବିଧାୟକ ମଣ୍ଡଳଙ୍କ ଦ୍ୱାରା ବହୁ ଉନ୍ନୟନ କାର୍ଯ୍ୟକୁ ଧାମନଗରବାସୀ ସ୍ୱାଗତ କରିଛନ୍ତି। ପୁନର୍ବାର ତାଙ୍କୁ ବିଧାୟକ ଭାବେ ଦେଖିବା ଦାବିକୁ ରାଜ୍ୟ ସଂଗଠନକୁ ବିଜେଡି ପକ୍ଷରୁ ଅବଗତ କରାଯାଇଛି। ଯେଉଁମାନେ ଅସନ୍ତୁଷ୍ଟ ବିଜେଡି ଭାବେ ନିଜକୁ ଉପସ୍ଥାପନ କରୁଛନ୍ତି ସେମାନେ ବିରୋଧୀଙ୍କ ସହ ମିଶି କାର୍ଯ୍ୟ କରୁଥିବା ପ୍ରମାଣ ରହିଛି। ଗତ ୫ବର୍ଷ ମଧ୍ୟରେ ସେମାନେ କୌଣସି ଦଳୀୟ କାର୍ଯ୍ୟରେ ସାମିଲ ନ ଥିବା ସେ ପ୍ରକାଶ କରିଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରକୁ କ୍ରୀଡ଼ା, ପାଠ୍ୟ ଉପକରଣ

**ଭଦ୍ରକ ଅଫିସ, ୧।୩**

ଭଣ୍ଡାରିପୋଖରୀ ବ୍ଲକ ଦୋସିଙ୍ଗା ବଜାରଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଶୁକ୍ରବାର ଧାମରା ଆଦାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୋସିଙ୍ଗା ସରପଞ୍ଚଙ୍କ ପ୍ରତିନିଧି ମୁଜିବର ଅଲ୍ଲୀ ଓ ଦୋସିଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକୁମାର ଜେନା ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ କ୍ରୀଡ଼ା ଓ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଶିଶୁଙ୍କ ମଧ୍ୟରେ ଖେଳ ମାଧ୍ୟମରେ ପାଠ ପ୍ରତି ରୁଚି ଆଣିବା ନିମିତ୍ତ ଆଦାନୀ ଫାଉଣ୍ଡେଶନ ତରଫରୁ ସ୍ଥାନୀୟ ଭାଷାରେ ରୂପାନ୍ତରିତ କରି ବର୍ଣ୍ଣମାଳା, ବିଶୁଦ୍ଧ ପାନୀୟଜଳ ପାଇଁ ୱାଟର ଫିଲ୍‌ଟର, ବିଭିନ୍ନ ସଚିତ୍ର ବର୍ଣ୍ଣବୋଧ ଆଦି ପୁସ୍ତକ ବିତରଣ କରାଯାଇଥିଲା। ଦୋସିଙ୍ଗା ପଞ୍ଚାୟତର ୧୭ଟି ଅଙ୍ଗନୱାଡି କେନ୍ଦ୍ରର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୨ୟ ପର୍ଯ୍ୟାୟରେ ଚାନ୍ଦବାଲି ପଞ୍ଚାୟତରେ ଆନୁମାନିକ ୮୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କେନ୍ଦ୍ରକୁ ଏହିଭଳି କ୍ରୀଡ଼ା ଓ ପାଠ୍ୟ ଉପକରଣ ଯୋଗାଇ ଦିଆଯିବ।



ଅଙ୍ଗନୱାଡି ପିଲାଙ୍କୁ କ୍ରୀଡା ଓ ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି।

# ଫଳକରେ ସୀମିତ ଚାନ୍ଦବାଲିର ପ୍ରଗତି

**ଚାନ୍ଦବାଲି, ୧।୩ (ଡି.ଏନ.ଏ.)**

**ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ବିରୋଧ**

ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାନ୍ଦବାଲି ଗସ୍ତ କରୁଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ଅନେକ ପ୍ରକଳ୍ପ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରି ନାହିଁ। ମୁଖ୍ୟତଃ ବିଭିନ୍ନ ଘାଟରେ ପୋଲ କାମ ଆରମ୍ଭ ହୋଇ ନ ଥିବା ଅଭିଯୋଗ କରି ଶୁକ୍ରବାର ଅପରାହ୍ନରେ ଚାନ୍ଦବାଲିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଚାନ୍ଦବାଲି ଗସ୍ତକୁ ବ୍ଲକ କଂଗ୍ରେସ ନିନ୍ଦା କରିବା ସହ କେତେକ ପ୍ରଶ୍ନ ଉଠାଇଥିଲା। ୧୪ ବର୍ଷ ବିତିଯାଇଥିଲେ ମଧ୍ୟ ଭଦ୍ରକ-ଚାନ୍ଦବାଲି ରାସ୍ତାର ନିର୍ମାଣ କାର୍ଯ୍ୟ ସରି ନାହିଁ। ଅଧାପନ୍ତରିଆ ରାସ୍ତାକୁ ମୁଖ୍ୟମନ୍ତ୍ରୀ ତରବରିଆ ଭାବେ ଉଦ୍‌ଘାଟନ କରିବାକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ୩ ବର୍ଷ ତଳେ ତିନିତର, ଧାନଖଣିଆ, ବାଲିଆପାଳ, ପଞ୍ଚୁଟିକ୍ରୀ ଘାଟରେ ପୋଲ ନିର୍ମାଣ ଲାଗି ଶୁଭ ଦିଆଯାଇଥିବା ବେଳେ ଏଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। କେବଳ ଫଳକରେ ଚାନ୍ଦବାଲିର ପ୍ରଗତି ସୀମିତ ରହିଛି ବୋଲି ସମାଲୋଚନା କରିଛି କଂଗ୍ରେସ। ଜଣେ ସ୍ତ୍ରୀ ବିଶେଷଜ୍ଞ, ଜଣେ ଡାକ୍ତର ଓ ଜଣେ ଆୟୁଷ ଡାକ୍ତରଙ୍କୁ ନେଇ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ଚାଲିଛି। ଏପରିକି କେତେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ଚାନ୍ଦବାଲି ଏନ୍‌ଏସି ଅଧୀନ ଗରିବ ଚାଷୀ କାଳିଆ ଯୋଜନାରେ ଆବେଦନ କରି ମଧ ସେମାନଙ୍କୁ ଟଙ୍କା ମିଳୁ ନାହିଁ ବୋଲି ଅଭିଯୋଗ ହୋଇଛି। ବ୍ଲକ କଂଗ୍ରେସର ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଚାନ୍ଦବାଲି ଗସ୍ତକୁ ବିରୋଧ କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ଦିଗମ୍ବର ଦାସ, ନୁରୁ ମହମ୍ମଦ ଇସମାଇଲ, ଜଗବନ୍ଧୁ ଦାସ, ତ୍ରୈଲୋଚନ ପଣ୍ଡା, ସୁବାସ ନାୟକ, ଶ୍ରୀଧର ସାହୁ, ଅଜୟ ଦାଶ, ଦିଗମ୍ବର ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଓ କର୍ମୀ।

## ସଂକ୍ଷେପରେ

### ୪ ବ୍ୟବସାୟୀ ଗିରଫ, ୨୮ ଲିଟର ମଦ ଜବତ

**ରାଇରଙ୍ଗପୁର,୧।୩(ଡି.ଏନ୍.ଏ.):** ରାଇରଙ୍ଗପୁର ଅବକାରୀ ସର୍କଲ ଇନ୍ସପେକ୍ଟର ସୁବଳ ମହାନ୍ତିଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ରବିନାରାୟଣ ପ୍ରଧାନଙ୍କ ସହିତ ଏକ ଦଳ ରାଇରଙ୍ଗପୁର ସର୍କଲ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ମଦ ଦୋକାନରେ ଶୁକ୍ରବାର ଚଢ଼ାଉ କରାଯାଇଛି। ଚଢ଼ାଉରେ ଜଣେ ମହିଳାଙ୍କ ସମେତ ୪ ମଦବେପାରୀଙ୍କୁ ଗିରଫ କରାଯାଇଛି । ଗିରିଫ ବ୍ୟବସାୟୀମାନେ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସୁନାପୋଷି ଗ୍ରାମର ମୋହନ ଟୁଡୁ, ଅଣ୍ଡିଆ ଡୁକୁରା ଗ୍ରାମର ଜଗନ୍ନାଥ ବେହେରା, ବାଦାମପାହାଡ଼ ଥାନା ଅନ୍ତର୍ଗତ କେଶର ଗଡ଼ିଆ ଗ୍ରାମର ଗଣେଶ ମାହାଲି ଏବଂ ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳର ଜମୁନା ଟୁଡୁ। ସେମାନଙ୍କଠାରୁ ୨୮ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଅବକାରୀ ବିଭାଗ ପୃଥକ ୪ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**ବାରିପଦା ଅଫିସ,୧।୩:** ମୟୂରଭଞ୍ଜ ଜିଲାରେ ଏସ୍‌ପି ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ଏସ୍‌ପିଙ୍କ କାର୍ଯ୍ୟାଳୟରେ ଜିଲା ଏଷ୍ଟାବ୍ଲିଶମେଣ୍ଟ ବୋର୍ଡ଼ ବୈଠକ ବସି ଉକ୍ତ ଅଦଳବଦଳ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଇନ୍ସପେକ୍ଟର ବିକାଶିନୀ ନାୟକଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ଜାମଦା ଥାନା ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲା ପୋଲିସ ମୁଖ୍ୟାଳୟ ଇନ୍ସପେକ୍ଟର ଦିବ୍ୟକାନ୍ତି ଲାକ୍ରାଙ୍କୁ ରରୁଆଁ ଥାନା ଆଇଆଇସି ଓ ଇନ୍ସପେକ୍ଟର ମୁକ୍ତି କୁଲ୍ଲୁଙ୍କୁ ଘାଗରବେଡ଼ା ଥାନା ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି। ଯଶିପୁର ଥାନା ଆଇଆଇସି ପର୍ଶୁରାମ ସାହୁଙ୍କୁ ବେତନଟୀ ଥାନା ଆଇଆଇସି,ବେତନଟୀ ଥାନା ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ଯଶିପୁର ଥାନା ଆଇଆଇସି ଏବଂ ରରୁଆଁ ଥାନା ଅଧିକାରୀ ନବକୃଷ୍ଣ ନାଏକଙ୍କୁ ଖୁଣ୍ଟା ଥାନା ଆଇଆଇସି ଭାବେ ବଦଳି କରାଯାଇଛି । ବଦଳି ଆଦେଶନାମାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଛି।

### ମାଧୁଆପୋଷିରେ ମାଗେ ପର୍ବ

**ଭଞ୍ଜକିଆ,୧।୩ଡିଏନ୍‌ଏ):** ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ୍ ଅଧୀନ ପାନପତ୍ରିଆ ପଞ୍ଚାୟତ ଅନ୍ତର୍ଗତ ମାଧୁଆପୋଷିରେ ମାଗେପର୍ବ ପାଳନ ସହିତ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମାଗେପର୍ବ ଅବସରରେ ୩ ଦିନଧରି ଆଦିବାସୀ ହୋ ସମ୍ପ୍ରଦାୟର ଲୋକମାନେ ମାଦଳ ଓ ନାଗରାର ତାଳେତାଳେ ପାରମ୍ପରିକ ନୃତ୍ୟଗୀତରେ ମସଗୁଲ୍ ହୋଇଥିଲେ। ପର୍ବର ଶେଷଦିନ ଅର୍ଥାତ୍ ହାର୍‌ମାଗେୟା ବା ହାର୍‌ମାଗୟାରେ ନୃତ୍ୟଗୀତ ସହିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଆଦିବାସୀ ହୋ'ସମାଜ ମହାସଭା ରାଜ୍ୟ ଆବାହକ ମନୋରଞ୍ଜନ ତିରିଆ ଯୋଗଦେଇ ହୋ'ଭାଷାଭାଷୀମାନେ ନିଜନିଜର ଭାଷା, ସଂସ୍କୃତି ଓ ପରମ୍ପରାର ବିକାଶ ସହିତ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଆଗେଇ ନେବାଲାଗି ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଏଜିଏମ୍ ରାଉତୁ ଚରଣ ଲାଗୁରୀ, ପାନନତ୍ରିଆ ସରପଞ୍ଚ ବିଜୟାନ୍ ହେସା, ସମିତି ସଭ୍ୟ ବୁଦୁନୀ ତରାଇ, ରଜିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାଁୟା, ମାଧୁଆପୋଷି ଗ୍ରାମ ୱାର୍ଡ଼ସଭ୍ୟ ଗୁରୁଚରଣ ସୋଏ ପ୍ରମୁଖ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମକୁ ବିର୍ସା ମୁଣ୍ଡା କ୍ଲବର ସଭ୍ୟମାନେ ପରିଚାଳନା କରିଥିଲେ।

### ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ

**ଉଦଳା,୧।୩ (ଡି.ଏନ.ଏ.):** ଉଦଳା ଏନ୍‌ଏସିର ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଶୁକ୍ରବାର ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଏନ୍‌ଏସି କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକ, ସହକାରୀ ଜିଲାପାଳ ଗୌରହରି ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବିଧାୟକଙ୍କ ପ୍ରତିନିଧି ଅମୀୟ ବଲ ଏବଂ 'ଅଶ୍ୱ' ସଂପାଦିକା ଜ୍ୟୋତ୍ସ୍ନା ଦାସ ଉପସ୍ଥିତ ରହି ୧୪୨ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବାଣ୍ଟିଥିଲେ। ପ୍ରତି ହିତାଧିକାରୀଙ୍କୁ ଦେଢ଼ ଡିସିମିଲ ଲେଖାଏ ଜାଗା ପ୍ରଦାନ କରାଯାଇଥିବା ଏନ୍‌ଏସି ଅଧିକାରୀ ପଟ୍ଟନାୟକ କହିଛନ୍ତି ।

# ଝୁମ୍ପୁଡ଼ିରେ ବାସ, ନଦୀରେ ମେଣ୍ଟୁଛି ଶୋଷ

**କପ୍ତିପଦା,୧।୩ (ଡି.ଏନ୍.ଏ.)**


ଝୁମ୍ପୁଡିରେ ମାଙ୍କିଡ଼ିଆ ଜନଜାତିଙ୍କ ଜୀବନ ।

**ମାଙ୍କିଡ଼ିଆ ସାହିବାସୀ**
- ୨୫ ପରିବାରକୁ ଗୋଟିଏ ନଳକୂଅ
- ବିଦ୍ୟୁତ୍ ଆଲୋକ ନାହିଁ
- ଜାଗା ଚିହ୍ନଟ ପାଇଁ ଅଧାରେ ଲଟକିଛି ଆବାସ ଯୋଜନା କାର୍ଯ୍ୟାଦେଶ
- ପୋଖରୀ, ବାସଗୃହ ଦାବି

ରାଜ୍ୟର ବିକାଶ ଆକାଶ ଛୁଆଁ। ସମସ୍ତଙ୍କୁ ପକ୍କା ଘର। ଘରେ ଘରେ ବିଦ୍ୟୁତ୍ ଆଲୋକ ଓ ପାନୀୟଜଳ। ଗାଁକୁ ପକ୍କା ରାସ୍ତା। କିନ୍ତୁ ଏସବୁ କପ୍ତିପଦା ବ୍ଲକ୍ ମାଙ୍କିଡ଼ିଆ ଆଦିବାସୀଙ୍କ ପାଇଁ ଆଇମା' କାହାଣୀ ପରି। ସରକାରୀ ଯୋଜନା ଏମାନଙ୍କ ପାଇଁ ସାତସପନ। ଏହି ଜନଜାତି ଝୁମ୍ପୁଡ଼ିରେ ରହୁଥିବାବେଳେ ନଦୀ, ଝରଣା ପାଣିରେ ଶୋଷ ମେଣ୍ଟାଉଛନ୍ତି।

କପ୍ତିପଦା ବ୍ଲକ୍ ଅଧୀନ ଜେ.ଏସ୍. ଜାମୁଡ଼ିହା ପଞ୍ଚାୟତର ଉଠାଣିସାହିରେ ମାଙ୍କିଡ଼ିଆ ଆଦିମ ଜନଜାତିର ୨୫ଟି ପରିବାରର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି । ଠିକାଦାରମାନେ ଆବାସ ଯୋଜନାରେ ଅଧିକାଂଶ ଘର ନିମ୍ନମାନର ଇଟା, ବାଲି ଓ କମ୍ ପରିମାଣର ସିମେଣ୍ଟରେ ନିର୍ମାଣ କରିଛନ୍ତି। ଅନେକ ଘର ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ପୁଣି କେତେକ ଘର ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ତାହା ବାସୋପଯୋଗୀ ହୋଇପାରିନି। ବହୁବର୍ଷ ପୂର୍ବରୁ ମାଙ୍କଡ଼ିଆ ଜାତି ଲୋକଙ୍କୁ ଥଇଥାନ କରିବା ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଉଦଳା (ଆଇ.ଟି.ଡ଼ି.ଏ.) ପକ୍ଷରୁ ନିର୍ମାଣ କରାଯାଇଥିବା କଲୋନୀ ଗୃହଗୁଡ଼ିକ ମଧ୍ୟରୁ କିଛି ଭାଙ୍ଗି ଯାଇଥିବାବେଳେ ଆଉ କେତେକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବାସଗୃହ ପାଇବାରୁ ବଞ୍ଚିତ ପରିବାର ଝୁମ୍ପୁଡ଼ି ଘରେ ରହୁଛନ୍ତି।

ସରକାରଙ୍କ ଶୁଭଦୃଷ୍ଟି ତାଙ୍କ ଉପରେ କେବେ ପଡ଼ିବ ବୋଲି ବୟସ୍କା ମାଙ୍କିଡ଼ିଆ ମହିଳା ପ୍ରକାଶ କରିଛନ୍ତି । ଏହି ସାହିରେ ବିଦ୍ୟୁତ୍ ଆଲୋକ ସାତସପନ। ସରକାର ପାନୀୟ କିମ୍ବା ବ୍ୟବହାର ଜଳ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିନାହାନ୍ତି।

ପାନୀୟଜଳ ପାଇଁ ଏକ ପୁରୁଣା ନଳକୂଅ ସାହିରେ ଅଛି, କିନ୍ତୁ ତାହା ବାସିନ୍ଦାଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ବାସିନ୍ଦା ନିତ୍ୟ ବ୍ୟବହାର ପାଇଁ ନଦୀ, ଝରଣା ପାଣି ବ୍ୟବହାର କରୁଛନ୍ତି। ସାହିରେ ପୂର୍ବରୁ ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ସୋଲାର ବିଦ୍ୟୁତ୍ ସାହାଯ୍ୟରେ ପାନୀୟଜଳ ଯୋଗାଇ ଦିଆଯାଉଛି। ହେଲେ ମେଘୁଆ ପାଗରେ ମୋଟରକୁ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଟାଙ୍କିକୁ ପାଣି ଉଠୁପାରୁ ନାହିଁ। ପାନୀୟଜଳ ଯୋଗାଣ ମଧ୍ୟ ବନ୍ଦ ରହୁଛି। ଫଳରେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଉଥିବା ପଦନ ମାଙ୍କିଡ଼ିଆ ପ୍ରକାଶ କରିଛନ୍ତି। ସାହିର କିଛି ଭୂମିହୀନ ଲୋକଙ୍କୁ ପଟ୍ଟା ଓ ଇନ୍ଦିରାବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ମାତ୍ର ପ୍ରଶାସନ ପକ୍ଷରୁ ପ୍ରଦତ୍ତ ପଟ୍ଟାରେ ଜାଗା ଚିହ୍ନଟ ହୋଇ ନ ଥିବାବେଳେ ଘର ତିଆରିରେ ଏହା ବାଧକ ହୋଇଛି। ଏ ସମ୍ପର୍କରେ ଜେ.ଏସ୍‌ଜାମୁଡ଼ିହା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପୋଖରୀ ଓ ରାସ୍ତା ଖୁବ୍ ଶୀଘ୍ର ନିର୍ମାଣ ହେବା ସହିତ ବିଜୁଳି ଆଲୁଅ ପାଇଁ ଦୀନ୍‌ଦୟାଲ ଜ୍ୟୋତି ଯୋଜନାରେ ପ୍ରସ୍ତାବ ରହିଛି । ଯେଉଁମାନେ ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ପାଇନାହାନ୍ତି ସେମାନେ ମଧ୍ୟ ପାଇବେ।

## ଟଣ୍ଟିଚିପି ସ୍ତ୍ରୀଙ୍କୁ ହତ୍ୟା,ସ୍ୱାମୀ ଗିରଫ

**ବାରିପଦା ଅଫିସ,୧।୩**

ପାରିବାରିକ କଳହକୁ ନେଇ ସ୍ୱାମୀ ସ୍ତ୍ରୀର ଟଣ୍ଟିଚିପି ହତ୍ୟା କରିଛି। ହତ୍ୟା ଅଭିଯୋଗରେ ପୋଲିସ ସ୍ୱାମୀକୁ ଗିରଫ କରିଛି। ସଦର ପୋଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ମେଡିକାଲକୁ ପଠାଇଛି।

ଗତ ଗୁରୁବାର ରାତିରେ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅର୍ନ୍ତଗତ ଶାମାଖୁଣ୍ଟା ବ୍ଲକ୍ ସିନ୍ଦୁରଗୌରା ପଞ୍ଚାୟତ ମାଙ୍କଡ଼ାପାଳ ଗ୍ରାମର ମଣ୍ଟୁ ନାଏକ ଏବଂ ତାଙ୍କ ସ୍ତ୍ରୀ ଖୁଲଣାଙ୍କ ମଧ୍ୟରେ ପାରିବାରିକ ସମସ୍ୟାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ମଣ୍ଟୁ ଉତ୍ୟକ୍ତ ହୋଇ ସ୍ତ୍ରୀ ଖୁଲଣାଙ୍କ ଟଣ୍ଟି ଚିପ ହତ୍ୟା କରିଥିଲେ। ଏନେଇ ଖୁଣ୍ଟା ଥାନା ଅନ୍ତର୍ଗତ ଦୁବରାଜପୁର ଅଞ୍ଚଳର ମୃତା ମହିଳାଙ୍କ ବାପା ନରେନ୍ଦ୍ର ବିଶ୍ୱାଳ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମଣ୍ଟୁଙ୍କୁ ଗିରଫ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ମେଡ଼ିକାଲକୁ ପଠାଇଛି। ପୋଲିସ ୧୭/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।

## ଶୃଙ୍ଖଳିତ ହେବାକୁ ପରାମର୍ଶ

### ସରକାରୀ ସ୍କୁଲର ବାର୍ଷିକ ଉତ୍ସବ 'ମହକ'


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଗଣ।

**ବଡ଼ସାହି,୧।୩(ସ୍ୱ.ପ୍ର.)**

ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେଲେ ଭବିଷ୍ୟତରେ ସୁନାଗରିକ ହୋଇ ଦେଶ ଗଠନରେ ସହାୟକ ହୋଇପାରିବ ବୋଲି ବଡ଼ସାହି ସରକାରୀ ଉ.ପ୍ରା. ସ୍କୁଲର ବାର୍ଷିକ ଉତ୍ସବ 'ମହକ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଦେୱାନୀ ବିଚାରପତି ସୁମନ ଜେନା ମତବ୍ୟକ୍ତ କରିଛନ୍ତି । ଛାତ୍ରୀଛାତ୍ରମାନେ ବିଦ୍ୟା ଅଧ୍ୟୟନରେ ବ୍ରତୀ ହେବା ସହ ଉପଯୁକ୍ତ ସୁଯୋଗ ସୃଷ୍ଟି କରାଗଲେ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିକଶିତ ହୋଇ ପାରିବ ବୋଲି ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଗଜେନ୍ଦ୍ର ଦାସ ପ୍ରକାଶ କରିଛନ୍ତି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଇଓ ଦେବବ୍ରତ ବାରିକ, ଏବିଇଓ ପଦ୍ମଲୋଚନ ଦାସ, ସୋମନାଥ ଦାସ, ବିଆରସିସି ବାବାଜୀ ଚରଣ ବେହେରା, ଡବ୍ଲୁଇଓ ମଧୁଛନ୍ଦା ଗିର ଏବଂ ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସାଧିକାରୀ ସିପୁନ ପଣ୍ଡା ଉପସ୍ଥିତ ଥିଲେ । ବାର୍ଷିକ କ୍ରୀଡ଼ା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ଶିକ୍ଷକ ଲଳିତ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ କାଞ୍ଚନବାଳା ନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଂଗ୍ରାମ, ସଂଘର୍ଷ ବିନା ଜୀବନର ସ୍ୱାଦ ଚାଖିବା କଷ୍ଟକର

■ ଆରଡିଏସ୍ ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ


ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାରମାନେ।

**ଉଦଳା,୧।୩ (ଡି.ଏନ.ଏ.)**

ଜୀବନର ଅନ୍ୟ ନାମ ସଂଘର୍ଷ । ପ୍ରତ୍ୟେକ ମଣିଷ ଜୀବନରେ ସଂଘର୍ଷ ଏବଂ ସଂଗ୍ରାମ ନ କରିଲେ ଆଜିର ଦୁନିଆରେ ତିଷ୍ଠିବା କଷ୍ଟକର । ଯେଉଁଠି ଏହି ଦୁଇଟି ଶବ୍ଦ ନାହିଁ ସେଠାରେ ଜୀବନର ମୂଲ୍ୟ ନାହିଁ। ଯେପରି ସମୁଦ୍ରରୁ ମୁକ୍ତା ଶାମୁକା ଖୋଜିଲା ବେଳେ ଥକି ପଡ଼ିଲେ ଏହା ପାଇବା ସମ୍ଭବ ନୁହେଁ, ସେହିପରି ସଂଗ୍ରାମ ଏବଂ ସଂଘର୍ଷ ବିନା ଜୀବନର ସ୍ୱାଦ ଚାଖିବା କଷ୍ଟକର ବୋଲି କୁଣ୍ଡାବାଇ ଆରଡିଏସ୍ ମହାବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ କହିଛନ୍ତି। ଦୁଇ ଦିନ ଧରି ଆୟୋଜିତ ଏହି ରୌପ୍ୟ ଜୟନ୍ତୀର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡିଶାର ପୂର୍ବତନ ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ ବେହେରା, ମୁଖ୍ୟ ବକ୍ତା ସମାଲୋଚକ ତଥା କବି ପ୍ରଶାନ୍ତ ଦାସ, ସ୍ୱତନ୍ତ୍ର ଅତିଥି କିସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ ଚାନ୍‌ସେଲର ପ୍ରଫେସର ନିହାରରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପରିଚାଳନା କମିଟି ପୂର୍ବତନ ସଭାପତି ଜଗନ୍ନାଥ ସୋରେନ ଏବଂ ଆଲୁମିନି ସଭାପତି ରମେଶ ସିଂ ଯୋଗ ଦେଇଥିଲେ । ଅତିଥିମାନେ ପ୍ରଥମେ ମହାବିଦ୍ୟାଳୟର ନୂତନ ସଭାକକ୍ଷ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ ଗିରି ମଞ୍ଚରେ ସଭାପତିତ୍ୱ କରିଥିଲେ । ଶେଷରେ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । କଟକର ସାଗର ସଙ୍ଗମ ମେଲୋଡି ସହିତ ଓଡ଼ିଆ ସିନେ ଜଗତର ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଆର.ଏସ କୁମାର ଏବଂ ତାଙ୍କ ଟିମଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ଝୁମିଥିଲେ ।

## ଦୁର୍ଘଟଣାରେ ଦୁଇ ଗୁରୁତର

**କୁଳିଅଣା,୧।୩(ଡି.ଏନ.ଏ.)**

କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥ କାମତା ଛକରେ ଶୁକ୍ରବାର ବାଇକ୍ ଏବଂ କାର୍ ମଧ୍ୟରେ ଧକ୍କାରେ ୨ ଆରୋହୀ ଗୁରୁତର ହୋଇଛନ୍ତି। ବାଙ୍ଗିରି ପୋଡି ଥାନାର ନୂଆଗାଁ ଗ୍ରାମର ନକୁଳ ମହାନ୍ତିଙ୍କ ବାମ ଗୋଡ ଭାଙ୍ଗି ଯାଇଥିବା ବେଳେ ଜଗନ୍ନାଥପୁର ଗ୍ରାମର ଭୁଡ଼ା ମହାନ୍ତିଙ୍କ ମୁଣ୍ଡରେ ଆଘାତ ଲାଗିଛି। ଉଭୟଙ୍କୁ କୁଳିଅଣା ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

■ ମଦ ବିରୋଧରେ ତାତିଲେ ମହିଳା

# ଘେରିଲେ ଅବକାରୀ କାର୍ଯ୍ୟାଳୟ

**ଯଶିପୁର,୧।୩(ଡି.ଏନ.ଏ.)**



ବିକ୍ଷୋଭରେ ସାମିଲ ହୋଇଥିବା ମହିଳା ଓ ଅନ୍ୟମାନେ।

ମଦ ଏବଂ ମାଦକ ଦ୍ରବ୍ୟ ବ୍ୟବସାୟ ବନ୍ଦ ଦାବିରେ ମହିଳାମାନେ ଯଶିପୁର ଥାନା ଓ ଅବକାରୀ ଅଫିସ ଘେରାଉ କରିଛନ୍ତି। ଅଲ୍ ଏଣ୍ଡିଆ ଏମ୍‌ଏସ୍‌ଏସ୍ ସହାୟତାରେ ଯଶିପୁର ବ୍ଲକର ବିଭିନ୍ନ ପଞ୍ଚାୟତର ୩ ଶହରୁ ଊର୍ଦ୍ଧ୍ୱ ମହିଳା ଘେରାଉରେ ସାମିଲ ଥିଲେ। ଘେରାଉ ପରେ ଉଭୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଛି। ମହିଳାମାନେ ହାଟ ପଡ଼ିଆଠାରେ ଏକତ୍ରିତ ହୋଇ ଏଠାରୁ ଶୋଭାଯାତ୍ରାରେ ବାହାରି ମଦ ବିରୋଧୀ ସ୍ଲୋଗାନ୍‌ରେ ଯଶିପୁର ବଜାର ପରିକ୍ରମା କରିଥିଲେ। ମହିଳାନେତ୍ରୀ ତପସ୍ୱିନୀ ନାଏକଙ୍କ ସଭାପତିତ୍ୱରେ ଅବକାରୀ ଅଫିସ ସମ୍ମୁଖରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ଯୋଗଦେଇ କହିଲେ, ରାଜ୍ୟବ୍ୟାପୀ ମଦ ବିରୋଧରେ ମହିଳା ଆନ୍ଦୋଳନ ଚାଲିଛି। କିନ୍ତୁ ସରକାର ଗୋଟିଏ ପଟେ ମହିଳା ସଶକ୍ତୀକରଣ କଥା କହୁଥିବାବେଳେ ଅନ୍ୟପଟେ ସେମାନଙ୍କ ଦାବିକୁ ଉପେକ୍ଷା କରାଯାଉଛି। ପ୍ରତି ପଞ୍ଚାୟତରେ ମଦ ଦୋକାନ ପାଇଁ ଲାଇସେନ୍ସ ଦିଆଯାଉଛି। ଏହା ସରକାରଙ୍କ ଦୋମୁହାଁ ନୀତି ବୋଲି କହି ସମାଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦମୟନ୍ତୀ, ରୀତାଞ୍ଜଳି, ପ୍ରଶାନ୍ତି, ସୁମିତ୍ରା ପାତ୍ର, ପଦ୍ମିନୀ ନାଏକ, ଜୟନ୍ତୀ ନାଏକ ପ୍ରମୁଖ ମଦ ନାରୀ ନିର୍ଯାତନା ଓ ଆର୍ଥିକ ଅନାଟନର କାରଣ ବୋଲି କହିଛନ୍ତି। ସ୍ଥାନୀୟ ପୋଲିସ ଏବଂ ଅବକାରୀ ବିଭାଗର ଢିଲାପଣ ଯୋଗୁ ମଦ ମାଫିଆମାନେ ଆନ୍ଦୋଳନକାରୀ ମହିଳାଙ୍କୁ ଧମକ ଦେବାକୁ ପଛାଉନାହାଁନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ମହିଳା ନେତ୍ରୀ ବିଦ୍ୟୁତ ମହାନ୍ତି , ସ୍ୱରୂପା ମହାନ୍ତି ଓ ଦ୍ରୌପଦୀ ମହାନ୍ତି ମଧ୍ୟ ବକ୍ତବ୍ୟ ରଖିଥିଲେ।

# ୭ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କପ୍ତିପଦା,୧।୩(ଡ଼ି.ଏନ୍.ଏ.)**

କପ୍ତିପଦା ବ୍ଲକ୍‌ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରୁ ଅବସର ନେଇଥିବା ୭ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଇଓ ଅଫିସ୍‌ରେ ଅଧିକାରୀ ଶଶିଧର ସିଂ ଫୁଲତୋଡ଼ା ଦେଇ ବିଦାୟୀ ଶିକ୍ଷକଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ସେମାନଙ୍କର ପ୍ରୋଭିଜନାଲ୍ ପେନ୍‌ସନ୍, ଗ୍ରାଚୁଇଟି ଏବଂ ୟୁଟିଲାଇଜଡ୍ ଲିଭ୍ ପ୍ରଦାନ କରିଛନ୍ତି।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ବଳରାମ ବେହେରା, ଶତ୍ରୁଘ୍ନ ସ୍ୱାଇଁ ଏବଂ ଜଗନମୋହନ ବେହେରା ଉପସ୍ଥିତ ଥିଲେ। ନୁହାମାଳିଆ ସରକାରୀ ଉ.ପ୍ରା. ବିଦ୍ୟାଳୟ ଶିକ୍ଷକ ନିରଞ୍ଜନ ମହାପାତ୍ର, ଚକ୍ରଧରପୁର ବିଦ୍ୟାଳୟର ରାମଚନ୍ଦ୍ର ଟୁଡୁ, ଗୁଡୁଗୁଡ଼ିଆ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚକ୍ରଧର ବେହେରା, ବାର୍‌ହାଗଡ଼ିଆ ବିଦ୍ୟାଳୟ ଶିକ୍ଷୟିତ୍ରୀ କୁମୁଦିନୀ ପ୍ରହରାଜ, ଖପରାପାଳ ବିଦ୍ୟାଳୟର ପାର୍ବତୀ ଦାସ, ଟାଙ୍ଗିରିଆ ବିଦ୍ୟାଳୟର ରାଧାଗୋବିନ୍ଦ ଖଟୁଆ ଏବଂ ସାନସିମିଳିଆ ବିଦ୍ୟାଳୟର ଅନିରୁଦ୍ଧ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

## ବାଙ୍ଗିରିପୋଷିରେ ଗର୍ଜିଲେ ମଦମୁକ୍ତି ଅଭିଯାତ୍ରୀ

**ବାଙ୍ଗିରିପୋଷି,୧।୩(ଡି.ଏନ.ଏ.)**

ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ଓ ମଦ ମୁକ୍ତି ଯୁବବାହିନୀର ମଦମୁକ୍ତି ଅଭିଯାନ ଦଳ ଶୁକ୍ରବାର ବାଙ୍ଗିରିପୋଷିରେ ପହଞ୍ଚିଛି। ଏହି ଅବସରରେ ଦୁର୍ଗାମଣ୍ଡପରେ ରବୀନ୍ଦ୍ର ନାଥ ସେଠୀଙ୍କ ନେତୃତ୍ୱରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ମଦ ରାଜ୍ୟର ହଜାର ହଜାର ପରିବାର ଉଜାଡ଼ି ଦେଉଛି ବୋଲି ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ସଭାପତି ପଦ୍ମଚରଣ ନାଏକ କହିଛନ୍ତି। ମଦ ବ୍ୟବସାୟ ପ୍ରସାର ଯୋଗୁ କୃଷକ ଓ ଶ୍ରମିକ ସର୍ବସ୍ୱାନ୍ତ ହେଉଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ଲୋକ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ମଦ ନିଶାରେ ପଡୁଛନ୍ତି। ମଦ ମୁକ୍ତି ଅଭିଯାନ ମାଧ୍ୟମରେ ଆମେ ଗାଁ ଗାଁକୁ ଯାଇ ମଦ ବିରୋଧରେ ଲୋକଙ୍କୁ ଏକଜୁଟ କରାଇବୁ ବୋଲି ସେ କହିଛନ୍ତି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ପଟ୍ଟନାୟକ, ପ୍ରିୟବ୍ରତ ପୃଷ୍ଟି, ପ୍ରିୟନାଥ ଆଚାର୍ଯ୍ୟ, ରମାକାନ୍ତ ମଣ୍ଡଳ, ଇନ୍ଦୁମଣି ସାହୁ,ମଳୟ ତ୍ରିପାଠୀ,ରାକେଶ ଦେଓ, ସୁନୀଲ ପରିଡ଼ା ଏବଂ ଉଦୟ ଧଳ ଉପସ୍ଥିତ ଥିଲେ।


ସମାବେଶରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

# ଭୂମିହୀନଙ୍କୁ ମିଳିଲା ସ୍ଥାୟୀ ଜମିପଟ୍ଟା

**ବାରିପଦା ଅଫିସ,୧।୩**


ମୁଖ୍ୟ ଅତିଥି ଭୂମିହୀନଙ୍କୁ ସ୍ଥାୟୀ ଜମିପଟ୍ଟା ବାଣ୍ଟୁଛନ୍ତି।

ବାରିପଦା ପୌରପରିଷଦ କାର୍ଯ୍ୟାଳୟରେ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ବଣ୍ଟନ ସହ ପକ୍କାଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗଦେଇ ୫୪୨ ଯୋଗ୍ୟ ହିତାଧିକାରୀଙ୍କୁ ପଟ୍ଟା ଏବଂ ୧୦୫ଜଣଙ୍କୁ ସହରାଞ୍ଚଳ ଆବାସ ଯୋଜନା କାର୍ଯ୍ୟାଦେଶ ବାଣ୍ଟିଛନ୍ତି।

ପୂର୍ବରୁ ଡ୍ରୋନ କ୍ୟାମେରା ସାହାଯ୍ୟରେ ଜମି ପଟ୍ଟା ପ୍ରଦାନ ପାଇଁ ୪୬ଟି ବସ୍ତିରେ ସର୍ଭେ କରାଯାଇଥିଲା । ୪୩ ବସ୍ତିର ସର୍ଭେ ରିପୋର୍ଟ ପୌରପରିଷଦରେ ଦାଖଲ ହୋଇଥିଲା। ମୋଟ ୭,୮୯୧ ପରିବାରଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ୧,୬୯୫ ଘରୋଇ ଜମିରେ ଜବରଦଖଲ କରି ବସବାସ କରିଆସୁଥିବା ବେଳେ ୬,୧୯୬ ପରିବାର ସରକାରୀ ଜମିରେ ଜବରଦଖଲ ରହୁଛନ୍ତି। ୨୯୬୪ ପରିବାର ଆନାବାଦି,ଗୋଚର,ସଂରକ୍ଷିତ, ପତିତ ଜମିରେ ବସବାସ କରୁଥିବାବେଳେ ୩୨୧୨ପରିବାର ରେଳବାଇ, ଜଙ୍ଗଲ କିସମ ଜମିରେ ବସବାସ କରୁଛନ୍ତି। ଜଙ୍ଗଲ, ରେଳବାଇ ଜମିର ପଟ୍ଟା ବଣ୍ଟନରେ ଆଇନଗତ ପ୍ରତିବନ୍ଧକ ରହିଥିବା କାରଣରୁ ଉକ୍ତ କିସମ ଜମିରେ ବସବାସ କରୁଥିବା ୩୨୧୨ ପରିବାରକୁ ଅନ୍ୟତ୍ର ସ୍ଥାୟୀ ଜମି ପଟ୍ଟା ଯୋଗାଇ ଦିଆଯିବା ବ୍ୟବସ୍ଥା ଆରମ୍ଭ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୩୦ରୁ ୪୫ବର୍ଗ ମିଟର ଜମିରେ ଜବରଦଖଲରେ ଥିବା ପରିବାର ୧୫ବର୍ଗ ମିଟର ଜମିର ୫୦ ପ୍ରତିଶତ (ସରକାରୀ ପ୍ରିମିୟମ ବେଞ୍ଚମାର୍କ) ସରକାରଙ୍କ ନିକଟରେ ଦାଖଲ କରିବା ପରେ ଜମି ପଟ୍ଟା ଯୋଗାଇ ଦିଆଯିବ ବୋଲି ଆଲୋଚନା ହୋଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ଯେଉଁମାନେ ୪୫ବର୍ଗ ମିଟରରୁ ଅଧିକ ସରକାରୀ ଜମି ଦଖଲରେ ଅଛନ୍ତି ସେମାନେ ବଳକା ଜମିକୁ ସରକାରଙ୍କ ନିକଟରେ ଦାଖଲ କରିବା ସହ ୧୫ବର୍ଗ ମିଟରର ୫୦ପ୍ରତିଶତ ପ୍ରିମିୟମ ଦାଖଲ ପରେ ଜମି ପଟ୍ଟା ଦିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ତହସିଲଦାର ଅମ୍ରିତ ସରକାର, ଟାଟା ଟ୍ରଷ୍ଟ ସଦସ୍ୟ ପ୍ରମୁଖ ଯୋଗ ଦେଇଥିବାବେଳେ ପୌରସଂସ୍ଥାର ୨୮ୱାର୍ଡର ବସ୍ତିବାସିନ୍ଦା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ଯୋଡ଼ା, ୧।୩(ଡି.ଏନ.ଏ.):** ଯୋଡ଼ା ସହରସ୍ଥିତ ବନେଇକଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାର ଭଙ୍ଗା ଘର ଭିତରୁ ଶୁକ୍ରବାର ରାତି ୯ଟା ସମୟରେ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ଏହା ଏକ ହତ୍ୟାକାଣ୍ଡ ହୋଇଥାଇ ପାରେ ବୋଲି ପୋଲିସ ସନ୍ଦେହ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଉକ୍ତ ସ୍ଥାନରୁ ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ମୃତଦେହ ଘରେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମହିଳାଙ୍କ ପରିଚୟ ମିଳିପାରି ନ ଥିବା ପୋଲିସ କହିଛି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

**ଆନନ୍ଦପୁର,୧।୩(ସ୍ୱ.ପ୍ର.):** ଆନନ୍ଦପୁର ତହସିଲ ଅଧୀନ ପଦ୍ମପୁର ବାଲି ଘାଟରେ ବେଆଇନ୍ ଭାବେ ବାଲି ଚାଲାଣ ହେଉଥିବା ସମୟରେ ତସହିଲ ପକ୍ଷରୁ ଚଢାଉ କରାଯାଇଥିଲା। ବାଲି ବୋଝେଇ ଟ୍ରାକ୍ଟରକୁ ତହସିଲଦାର ତପନ କୁମାର ନାୟକ ଜବତ କରିଥିଲେ। ପରେ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଟ୍ରାକ୍ଟରକୁ ଛଡା ଯାଇଥିବା ଜଣାପଡିଛି।

### କାର - ବାଇକ୍ ଧକ୍କା: ୨ ଗୁରୁତର

**ତେଲକୋଇ, ୧।୩(ଡି.ଏନ.ଏ.):** ତେଲକୋଇ ମୁଖ୍ୟାଳୟର କତରାପାଲି ଛକରେ ଶୁକ୍ରବାର ଏକ ବାଇକ୍ ଓ ଇଣ୍ଡିଗୋ ମଧରେ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଯାଉଥିବା ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସଞ୍ଜୟ ସାହୁ (୩୦) ଏବଂ ପର୍ଶୁରାମ ପ୍ରଧାନ (୩୪)। ସଞ୍ଜୟଙ୍କୁ କଟକ ଓ ପର୍ଶୁରାମଙ୍କୁ କେନ୍ଦୁଝର ଚିକିତ୍ସାଳୟକୁ ପଠାଯାଇଛି। ଝାରସୁଗୁଡ଼ା ଜିଲାର ଏକ ଇଣ୍ଡିଗୋ ଓଡି-୨୩ଏ.୯୨୯୨ ଏକ ବିବାହ କାର୍ଯ୍ୟକ୍ରମରେ କେନ୍ଦୁଝର ଯାଉଥିଲା। କେନ୍ଦୁଝରଠାରୁ ବିବାହ ଭୋଜିରୁ ଫେରୁଥିବା ବାଇକ୍ ଓଡି-୩୫ସି.୫୧୧୧ ସହ ଇଣ୍ଡିଗୋ ଧକ୍କା ହୋଇଥିଲା। ସ୍ଥାନୀୟ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏକ ମାମଲା (ନଂ.୧୯/୧୯) ରୁଜୁ ହୋଇଛି।

### ଓଲଟିଲା ଟ୍ରକ୍

**କେନ୍ଦୁଝର/ରାଇସୁଆଁ,୧।୩(ସ୍ୱ.ପ୍ର./ ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ବାଲିଆଗୋଡ଼ା ନିକଟ ରାସ୍ତା କଡ଼ରେ ଶୁକ୍ରବାର ସନ୍ଧ୍ୟା ୫ଟା ସମୟରେ ଏକ ଟ୍ରକ୍ ଓଲଟି ପଡ଼ିଛି। ରାଇସୁଆଁ ଆଡୁ କେନ୍ଦୁଝର ଅଭିମୁଖ୍ୟ ଓଡି ୦୯ ଏଫ ୭୯୯୯ ଟ୍ରକ୍ ଯାଉଥିଲା। ରାସ୍ତାରେ ହୋଇଥିବା ଖାଲରେ ଉକ୍ତ ଟ୍ରକ୍ ପଡିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଜନସାଧାରଣ ଟ୍ରକ୍ ଚାଳକଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବିପର୍ଯ୍ୟସ୍ତ ରାସ୍ତା ଘାଟ ସଜାଡିବା ନେଇ ପ୍ରଶାସନ ପଦକ୍ଷେପ ନେଉନି। ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। କେନ୍ଦୁଝର ସହର ଗାନ୍ଧୀ ଛକ ଓ ଏଠାରୁ ବାଲିଆଗୁଡା ପର୍ଯ୍ୟନ୍ତ ମାତ୍ର ଦେଢ କି.ମି. ପୂର୍ତ୍ତ ବିଭାଗର ରାସ୍ତା ଶୋଚନୀୟ ହୋଇପଡିଛି। ବାଲିଆଗୁଡା ନିକଟରେ ଅଣ୍ଡରପାସର ଅବସ୍ଥା ଶୋଚନୀୟ ହୋଇଛି।

### ଧାନର ଅଭାବୀ ବିକ୍ରି, ଲ୍ୟାମ୍ପ ବନ୍ଦ କଲେ ଚାଷୀ

**ରାଇସୁଆଁ,୧।୩(ଡି.ଏନ.ଏ.):** କେନ୍ଦୁଝର ଜିଲାରେ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଛି। ଏ ନେଇ ଚାଷୀ ଶୁକ୍ରବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ଲ୍ୟାମ୍ପକୁ ଚାଷୀ ତାଲା ପକାଇ ଦେଇଛନ୍ତି। ସଦର ଅଞ୍ଚଳରେ ବହୁ ଚାଷୀ ଅଭାବୀ ଧାନ ବିକ୍ରିର ଶିକାର ହୋଇଛନ୍ତି। ଚାଷୀ ଧାନ ବିକ୍ରି ନେଇ ଚିନ୍ତାରେ ରହିଛନ୍ତି। ପ୍ରଶାସନ ତରଫରୁ କୌଣସି ପଦକ୍ଷେ ଗ୍ରହଣ କରା ନ ଯିବାରୁ ବହୁ ଚାଷୀ ପଳାଶପଙ୍ଗା ଲ୍ୟାମ୍ପକୁ ତାଲା ପକାଇ ଦେଇଛନ୍ତି ବୋଲି ଚାଷୀ ରାଜକିଶୋର ମହାନ୍ତ, ତ୍ରିଲୋଚନ ମହାନ୍ତ କହିଛନ୍ତି।

### ଅଭିନନ୍ଦନକୁ ସ୍ୱାଗତ

**କେନ୍ଦୁଝର, ୧।୩ (ସ୍ୱ.ପ୍ର.):** ଉିଙ୍ଗ କାମାଣ୍ଡର ଅଭିନନ୍ଦନ ପାକିସ୍ତାନ ମାଟିରେ ଲଢେଇ କରି ଭାରତକୁ ଆସିଥିବାରୁ ତାଙ୍କୁ ସ୍ୱାଗତ କରାଯାଇଛି। ଏ ନେଇ କେନ୍ଦୁଝରରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବାଣ ଫୁଟାଇ, ମିଠା ବାଣ୍ଟି ଏବଂ ବାଜା ବଜାଇ ଲୋକେ ବିଜୟର ଖୁସି ମନାଇଛନ୍ତି। ବହୁ ସଂଖ୍ୟାରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ସ୍ୱାଗତ ଜଣାଇଛନ୍ତି। ତାଙ୍କର ଜୟଗାନ କରିବା ସହ ଭାରତ ମାତା କି ଜୟ, ବନ୍ଦେ ମାତରମ ଧ୍ୱନିରେ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପାର କିରଣବାଳା ନାୟକ, ମୋହନ ମାଝୀ, ପ୍ରକାଶ ସୂତ୍ରଧର, ବ୍ରଜ କିଶୋର ରାୟ ସମେତ ବହୁ ଲୋକ ସାମିଲ ଥିଲେ।

# ତେଲକୋଇ ବ୍ଲକ କାର୍ଯ୍ୟାଳୟରେ ତାଲା

**ତେଲକୋଇ, ୧।୩(ଡି.ଏନ.ଏ.)**



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀ।

- ପିଡିଏସ୍ ସାମଗ୍ରୀ ହଡ଼ପ
- ପ୍ରତିଶ୍ରୁତି ପୂରଣ ହେଲାନି
- ୨ ଅଧିକାରୀ ଅଟକ

ପିଡିଏସ୍ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିବା ସଲେଇକେନା ପଞ୍ଚାୟତର ହିତାଧିକାରୀ ତେଲକୋଇ ବ୍ଲକ କାର୍ଯ୍ୟାଳୟକୁ ଶୁକ୍ରବାର ତାଲା ପକାଇ ଅଚଳ କରି ଦେଇଛନ୍ତି। ଏଥିସହ ବ୍ଲକର ୨ ଅଧିକାରୀଙ୍କୁ ଏକ ଘରେ ହିତାଧିକାରୀ ଅଟକ ରଖିଥିଲେ। ଖବର ପାଇ ଅଟକ ଥିବା ୨ ଅଧିକାରୀଙ୍କୁ ପୋଲିସ ଲୋକଙ୍କ କଳବରୁ ଉଦ୍ଧାର କରିବା ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ତାଲା ପଡ଼ିବାରୁ ଆଗାମୀ ନିର୍ବାଚନ ପ୍ରଶିକ୍ଷଣ ସହ ଅଫିସ୍ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଉକ୍ତ ପଞ୍ଚାୟତର ହିତାଧିକାରୀ ପିଡିଏସ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିଲେ ହେଁ ପ୍ରଶାସନ କୌଣସି ପଦକ୍ଷେପ ନେଇନି। ଏ ନେଇ ଲୋକେ ପୂର୍ବରୁ ଆନ୍ଦୋଳନ କରିଥିଲେ। ମିଳିଥିବା ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ଅସନ୍ତୋଷ ତୀବ୍ର ହୋଇଛି।

ଉକ୍ତ ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ଓ ମହିଳା ସ୍ୱୟଂ ସହାୟକଙ୍କ ଦ୍ୱାରା ପିଡିଏସ୍ ସାମଗ୍ରୀ ବଣ୍ଟନ କରାଯାଉଥିଲା। ଏହି ବଣ୍ଟନରେ ନଭେମ୍ବର ମାସର ପିଡିଏସ ସାମଗ୍ରୀ ଦିଆଯାଇ ନ ଥିବା ବେଳେ ମାପ ଓଜନରେ ଠକେଇକୁ ନେଇ ହିତାଧିକାରୀ ଫେବୃୟାରୀ ୫ରେ ପଞ୍ଚାୟତରେ ତାଲା ପକାଇ ଏହାର ପ୍ରତିବାଦ କରିଥିଲେ। ଏ ନେଇ ବିଡିଓ ଦିଲ୍ଲିପ କୁମାର ବାରା ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମହିଳା ସଂଘକୁ ହଟାଇବା ସହିତ ନଭେମ୍ବରର ପିଡିଏସ ସାମଗ୍ରୀ ଦିଆଯିବାର ପ୍ରତିଶ୍ରୁତି ମିଳିଥିଲା। ଏହା ୧୩ ଦିନ ଭିତରେ କାର୍ଯ୍ୟ ହେବାର ପ୍ରତିଶ୍ରୁତି ରହିଥିଲା। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ତେଣୁ ହିତାଧିକାରୀ ଫେବୃୟାରୀ ୧୮ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଏହାର ତୁରନ୍ତ ସମାଧାନ କରିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ପୂରଣ ହୋଇ ନ ଥିବାରୁ ଶତାଧିକ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା ଜଣାଯାଇଛି। ସଲେଇକେନା ପଞ୍ଚାୟତ ବିଜେଡି ଯୁବ ମୋର୍ଚ୍ଚା ସଭାପତି ନିଳମଣୀ ଦେହୁରି ସମେତ ୱାର୍ଡ ମେମ୍ବର ମୀନା କୁମାରୀ ମହାନ୍ତ, ରୁଦୁନା କିଷାନ, ଲୁଲୁ ରାଉତ, ଶୁଶିଲ ମହାନ୍ତ ନେତୃତ୍ୱରେ ଶତାଧିକ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟକୁ ତାଲା ପକାଇ ଅଚଳ କରିଛନ୍ତି। ଏ ନେଇ ବିଡିଓ ଦିଲ୍ଲିପଙ୍କୁ ପଚାରିବାରୁ ଏହି ଘଟଣାକୁ ନେଇ ଉପଜିଲାପାଳଙ୍କୁ ଜଣାଇ ଦିଆଯାଇଛି। ଏଥି ସହିତ ପୋଲିସ ବିଭାଗଙ୍କୁ ମଧ ଅବଗତ କରାଯାଇଛି। ଉପଜିଲାପାଳ ଓ ଜିଲା ଯୋଗାଣ ବିଭାଗ ଦ୍ୱାରା ଏହାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।

# ଟେଣ୍ଡରରେ ଅନିୟମିତତା ଅଭିଯୋଗ

**କେନ୍ଦୁଝର, ୧।୩(ସ୍ୱ.ପ୍ର.)**

ଟେଣ୍ଡର ହେଉଛି। ଟେଣ୍ଡରରେ କମ ମୂଲ୍ୟ ପକାଉଥିବା ସଂସ୍ଥାକୁ କାମ ମିଳୁନି। ନିଜ ଇଚ୍ଛା ଅନୁସାରେ ଅଧିକ ମୂଲ୍ୟ ପକାଇଥିବା ସଂସ୍ଥାକୁ କାମ ମିଳୁଛି। ଏଭଳି ଟେଣ୍ଡର ଆୟୋଜନ କାହା ସ୍ୱାର୍ଥରେ ବୋଲି ଏକ ସଂସ୍ଥା ପକ୍ଷରୁ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ମେଘନା ମାଇନ୍ସ ଆଣ୍ଡ ମିନେରାଲସ ରିସୋର୍ସ (ପ୍ରା) ଲି. ପକ୍ଷରୁ ବିକ୍ରମ କୁମାର ପ୍ରଧାନ ଜିଲାପାଳଙ୍କୁ ଗୁରୁବାର ଅଭିଯୋଗ କରିଛନ୍ତି। ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଶିଶୁମାନଙ୍କ ପାଇଁ ସପ୍ଲିମେଣ୍ଟାରୀ ନ୍ୟୁଟ୍ରିଶନ ପ୍ରୋଗ୍ରାମରେ ଖାଦ୍ୟ ପରିବହନ ପାଇଁ ଏହି ଟେଣ୍ଡର ଡକାଯାଇଥିଲା। ଏହି ଟେଣ୍ଡରରେ ଉକ୍ତ ସଂସ୍ଥା ପରିବହନ ଦର ୪୧.୯୦ ଟଙ୍କା ପ୍ରତି କ୍ୱିଣ୍ଟାଲ ହିସାବରେ ପକାଇଥିଲେ। ତାଙ୍କୁ ନ ମିଳି ବହୁ ଅଧିକ ଅର୍ଥାତ ୭୪.୬୭ ଟଙ୍କା ପ୍ରତି କ୍ୱିଣ୍ଟାଲ ଦର ପକାଇଥିବା ଅନ୍ୟ ଏକ ସଂସ୍ଥାକୁ ଦିଆଯାଇଛି। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପଦକ୍ଷେପ ନେବାକୁ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ ଦାବି ହୋଇଛି। ଏହି ଟେଣ୍ଡର ପାଇଁ ୫ ଟି ସଂସ୍ଥା ଆବେଦନ କରିଥିଲେ। ଆବଶ୍ୟକ କାଗଜପତ୍ର ନ ଥିବାରୁ ଅଗ୍ରାହ୍ୟ କରିଦିଆଯାଇଥିବା ବେଳେ ଆଉ ୨ ଜଣଙ୍କୁ ଅନ୍ୟ ବ୍ଲକରେ ପିଡିଏସ ସାମଗ୍ରୀ ପରିବହନ କାମ କରୁଥିବାରୁ ଚୟନ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ଅବଶିଷ୍ଟ ଦୁଇ ସଂସ୍ଥା ମଧ୍ୟରୁ ତାଙ୍କ ସଂସ୍ଥା ସର୍ବନିମ୍ନ ମୂଲ୍ୟ ପକାଇଥିଲେ ହେଁ ଦିଆଯାଇ ନ ଥିବା ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ବିକ୍ରମ କହିଛନ୍ତି।

# ଢେଙ୍କିକୋଟରେ ଜବରଦଖଲ ଉଚ୍ଛେଦ



ମେଶିନ ଦ୍ୱାରା ଉଚ୍ଛେଦ କରାଯାଇଛି।

**ଢେଙ୍କିକୋଟ, ୧।୩(ଡି.ଏନ.ଏ.)**

ଢେଙ୍କିକୋଟ ବଜାରରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ ହୋଇଛି। ରାସ୍ତା ଦୁଇ ପାର୍ଶ୍ୱ ଜମିରୁ ଜବରଦଖଲ ହୋଇଛି। ଘଟଗାଁ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସାଗର ଚନ୍ଦ୍ର ମୁର୍ମୁ ଏବଂ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲିକ, ପୋଲିସ ଫୋର୍ସ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। ଦୀର୍ଘ ୫ ବର୍ଷ ଧରି ବ୍ୟବସାୟୀ ଓ ଜବରଦଖଲକାରୀଙ୍କୁ ନୋଟିସ କରାଯାଇଥିଲା। କୌଣସି ପ୍ରକାର ଉଚ୍ଛେଦ ହୋଇପାରି ନ ଥିଲା। ଜବରଦଖଲକାରୀଙ୍କ ମନମୁଖୀ କାର୍ଯ୍ୟ ଜାରି ରହିଥିଲା। ପୋଲିସ ଫୋର୍ସ ନେଇ ମେଶିନ ଦ୍ୱାରା ବେଆଇନ୍ ଗୃହକୁ ଭାଙ୍ଗି ଦିଆଯାଇଛି।

# ଅସୁରକ୍ଷିତ କେନ୍ଦ୍ରର ମରାମତି କର

**ଚମ୍ପୁଆ, ୧।୩(ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ହୋଇଛି। ଉପଜିଲାପାଳ ପାରୁଲ ପଟାୱରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି। ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟାର ଦୂରିକରଣ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନମଣ୍ଡଳୀରେ କୌଣସି ଅସୁରକ୍ଷିତ ବୁଥ୍ ବା କେନ୍ଦ୍ର ଅସୁରକ୍ଷିତ ଥିଲେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଉପଜିଲାପାଳ ପଟାୱରୀ ପାଟଣା ଉଭୟ ପାଟଣା ଓ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ଥିବା ପ୍ରତ୍ୟେକ ବୁଥ୍‌ରେ ସର୍ବନିମ୍ନ ସୁବିଧା ଉପଲବ୍ଧ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲାଇଟ୍, ପାଇଖାନା, ମୋବାଇଲ୍ ଟାୱାର ଏବଂ ଜିନିଷପତ୍ର ରଖିବା ପାଇଁ ଉପଯୁକ୍ତ ସ୍ଥାନର ତୁରନ୍ତ ସୁବିଧା କରିବା ପାଇଁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେକ୍ଟର ଅଫିସରମାନେ ବିଏଲଓ ସହ ନିୟମିତ ଯୋଗାଯୋଗ ରଖିବା ସହ ବୁଥ୍ କେନ୍ଦ୍ରର ସ୍ଥିତି ଏବଂ ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ସଂକ୍ରାନ୍ତରେ ସ୍ଥାନୀୟ ବିଡିଓଙ୍କ ସହ ଆଲୋଚନା କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଉପଜିଲାପାଳଙ୍କ ସମେତ ଯୋଡ଼ା ବିଡିଓ କ୍ଷୀରୋଦ ବେହେରା, ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା, ଚମ୍ପୁଆ ବିଡିଓ ନୂପୁର ଚାନ୍ଦଗୋଟିଆ, ପାଟଣା ବିଡିଓ କୁଶଳ ଚନ୍ଦ୍ର ନାଏକ, ସହକାରୀ ଜିଲାପାଳ ସପନ ସାହୁ, ଅତିରକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ ଗିରିଙ୍କ ସମେତ ନିର୍ବାଚନ ବିଭାଗର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଚମ୍ପୁଆ, ୧।୩ (ଡି.ଏନ.ଏ.)**

ଚମ୍ପୁଆ ବ୍ଲକରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲାପାଳ ସୁଶ୍ରୀ ପାରୁଲ ପଟାୱରୀ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୨୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ଶ୍ରବଣ ଯନ୍ତ୍ର, ଆଶାବାଡି, ଭତ୍ତା ଓ ଅର୍ଥିକ ସହାୟତା ପାଇଁ ସୁପାରିସ୍ କରାଯାଇଥିବା ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୁପୁର ଚାନ୍ଦ ଗୋଟିଆ ପ୍ରକାଶ କରିଛନ୍ତି। ଡ. କମଳାକାନ୍ତ ବାରିକ, ଉମେଶ ଚନ୍ଦ୍ର ପାତ୍ର, ଶୁଭମ ସାହୁ, ସୁମନ ରଣା ପ୍ରମୁଖ ଚିକିତ୍ସକ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଏବିଡିଓ ଶରତ ଚନ୍ଦ୍ର ବାରିକ ଓ ଏସଏସ୍‌ଓ ପୂର୍ଣ୍ଣ ଚନ୍ଦ୍ର ନାଏକ ପରିଚାଳନା କରିଥିଲେ। ଯେଉଁ ଭିନ୍ନକ୍ଷମ ଜିଲା ଚିକିତ୍ସାଳୟରେ ନିଜ ନାମ ପଞ୍ଜିକରଣ କରି ପାରି ନାହାନ୍ତି ସେମାନଙ୍କୁ ବ୍ଲକ ପକ୍ଷରୁ ସ୍ୱତନ୍ତ୍ର ଗାଡିରେ କେନ୍ଦୁଝର ନେବା ପାଇଁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

### ବାହ୍ୟ ମଳମୁକ୍ତ ପଞ୍ଚାୟତ ପଡୁଆ

**ଚମ୍ପୁଆ, ୧।୩ (ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ଅଧୀନରେ ଥିବା ପଡୁଆକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଚମ୍ପୁଆ ବିଡିଓ ନୁପୁର ଚାନ୍ଦଗୋଟିଆଙ୍କ ସହ ଜଳ ପରିମଳ ଯନ୍ତ୍ରୀ ରାମକୃଷ୍ଣ ସିଂ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱାଗତିକା ପୃଷ୍ଟି, ସ୍ଥାନୀୟ ସରପଞ୍ଚ ଲିପା ନାଏକ, ସମିତି ସଭ୍ୟା ତିଳତ୍ତୋମା ନାଏକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ପଞ୍ଚାୟତକୁ ସୁସ୍ଥ ନିର୍ମଳ ରଖିବା ପାଇଁ ତଥା ଜନ ସାଧାରଣଙ୍କ ସଚେତନତା ନିମତ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଡିଓ ସୁଶ୍ରୀ ଚାନ୍ଦଗୋଟିଆ ପୁରସ୍କାର ପ୍ରଦାନ କରିଥିଲେ। ଘରେ ପାଇଖାନା ନିର୍ମାଣ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ‘ମୋ ବୁଥ୍ ସବୁଠୁ ମଜଭୁତ୍’

**ଢେଙ୍କିକୋଟ, ୧।୩(ଡି.ଏନ.ଏ.)**

ଢେଙ୍କିକୋଟ ପଞ୍ଚାୟତ ଟିଂକିରାସ୍ଥିତ ଛେଳିହାଟ ପଡ଼ିଆଠାରେ ଭାଜପା ତରଫରୁ ‘ମୋ ବୁଥ ସବୁଠୁ ମଜବୁତ୍’ କାର୍ଯ୍ୟକ୍ରମ ହୋଇଯାଇଛି। ଆୟୋଜିତ ସଭାରେ ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ସାହା ସଭାପତିତ୍ୱ କରିଥିଲେ। ଭାଜପା ଜିଲା ଉପସଭାପତି ଅଖିଳ ଚନ୍ଦ୍ର ପାତ୍ର ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଘସିପୁରା ନିର୍ବାଚନମଣ୍ଡଳୀର ପ୍ରଭାରୀ ବିରଜା ମିଶ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ସଂଗ୍ରାମୀ ନେତା ପୃଥ୍ୱୀରାଜ କୁଅଁର, ଜିଲା ଉପସଭାପତି ଦେବେନ୍ଦ୍ର ଜେନା, ନାରୀନେତ୍ରୀ ମମତା ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ, ବରିଷ୍ଠ ନେତା ତଥା ଅଧ୍ୟାପକ ପଞ୍ଚାନନ ରାଉତ, ଘଟଗାଁ ବ୍ଲକର ଲଡୁଆ ପୁଅ ସନ୍ତୋଷ ରାଉତ, ଢେଙ୍କିକୋଟ ମଣ୍ଡଳ ସଭାପତି ଇନ୍ଦ୍ରମଣି ମହାନ୍ତ, ପଣ୍ଡାପଡ଼ା ମଣ୍ଡଳ ସଭାପତି ତଥା ସୈନିକ ସଞ୍ଜୟ ସାହୁ, ରାମଚନ୍ଦ୍ରପୁରର ଜିତେନ୍ଦ୍ର ସାହୁ, ଖାଲିଆମେଣ୍ଟା ମଣ୍ଡଳର ବାବୁଲି ଭୂୟାଁ, ଦେଓଗାଁ ମଣ୍ଡଳର ରାଧେଶ୍ୟାମ ରଣା, ଘଟଗାଁ ମଣ୍ଡଳର ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ନିର୍ବାଚନମଣ୍ଡଳୀର ସମସ୍ତ ବୁଥସ୍ତରୀୟ କମିଟିର ସଭାପତି ସମ୍ପାଦକ ଯୋଗ ଦେଇଥିଲେ। ସିଧା ପ୍ରସାରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଅଭିଭାଷଣକୁ ସମସ୍ତେ ଶୁଣିଥିଲେ। ବୁଥସ୍ତରରୁ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ କୁହାଯାଇଥିଲା।

# ରାସ୍ତାରେ ଧାନ ବସ୍ତା ରଖି ପ୍ରତିବାଦ



ଚାଷୀ ରାସ୍ତାରୋକୋ କରିଛନ୍ତି।

**ପାଟଣା, ୧।୩(ସ୍ୱ.ପ୍ର.)**

ପାଟଣା-କରଞ୍ଜିଆ ୨୨୦ ନମ୍ବର ଜାତୀୟ ରାଜପଥ ଟଭାସରୁଆ ସମବାୟ ସମିତି ସମ୍ମୁଖରେ ଶତାଧିକ ଚାଷୀ ଧାନବସ୍ତା ରଖି ପ୍ରତିବାଦ କରିଛନ୍ତି। ମଣ୍ଡି ବନ୍ଦ ହୋଇଥିବାରୁ ଏହି ପ୍ରତିବାଦ କରାଯାଇଥିଲା। ଖବର ପାଇ ପାଟଣା ପୋଲିସ ଏଏସଆଇ ଅଶୋକ ନାଏକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାଅବରୋଧ ହଟିଥିଲା। ଶୁକ୍ରବାର ଟଭାସରୁଆ ସମବାୟ ସମିତିକୁ ସାହାରପଡା ବ୍ଲକର ସାହାରପଡା, ଟେଣ୍ଡେରା, କପୁଣ୍ଡି ଓ ବଡ଼ବିଲ ପଞ୍ଚାୟତର ବେଗେନା, ଖଜୁରୀଡ଼ିହା, ବଡ଼ବିଲ ଓ ସିଆଳିଯୋଡା ଗ୍ରାମର ଚାଷୀ ମଣ୍ଡିକୁ ଧାନ ବିକିବାକୁ ଆଣିଥିଲେ। ସମବାୟ ସମିତି ଧାନ କିଣିବନି ବୋଲି ଜାଣାପଡ଼ିବା ପରେ ଅସନ୍ତାଷ ପ୍ରକାଶ ପାଇଥିଲା। ଏ ନେଇ ଚାଷୀ ଜାତୀୟରାଜପଥ ଅବରୋଧ କରିଥିଲେ। ରାସ୍ତା ଅବରୋଧରେ ସାହାରପଡା ସମବାୟ ସମିତି ସଭାପତି ଉତ୍ତମ ଖାଟୁଆ, କପୁଣ୍ଡି ସରପଞ୍ଚ ବିଜୟ ପଇଦାଙ୍କ ସହ ଶତାଧିକ ଚାଷୀ ସାମିଲ ହୋଇଥିଲେ। କେନ୍ଦୁଝର ଯୋଗାଣ ଅଧିକାରୀ ପରେଶ ମହାନ୍ତିଙ୍କୁ ପାଚାରିବାରୁ ସରକାର ଗୁରୁବାର ମଧରାତିରୁ ଧାନ ଖରିଦ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆମେ ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରିଛୁ। ଟଭାସରୁଆ ସମବାୟ ସମିତିରେ ଧାନ କିଣାଯାଇ ନାହିଁ। ବୋଲି ସେ କହିଛନ୍ତି।

# ‘ଭୋଟ ଦେବା ଦେଶ ଗଢ଼ିବା’

**କେନ୍ଦୁଝର, ୧।୩ (ସ୍ୱ.ପ୍ର.)**

ମୋ ଭୋଟ ମୋ ଦେଶ, ମୋ ଭୋଟ ସଉଦା ନୁହେଁ, ଭୋଟ ଦେବା ଦେଶ ଗଢିବା, କୌଣସି ପ୍ରଲୋଭନରେ ନ ପଡି ଦେଶ ଓ ରାଜ୍ୟର ବିକାଶ ପାଇଁ ଉପଯୁକ୍ତ ପ୍ରାର୍ଥୀ ବାଛିବା ବର୍ତ୍ତା ଦେଉଥିବା ନିର୍ବାଚନ ସଚେତନତା ରଥର ଶୁଭାରମ୍ଭ ଶୁକ୍ରବାର ହୋଇଛି। ଜିଲାପାଳ ଆଶିଷ ଠାକରେ ଏହାର ଉଦ୍‌ଘାଟନ କରିଛନ୍ତି।

କୌଣସି ଭୋଟର ଭୋଟ ଦାନରୁ ନିବୃତ ନ ହୁଅନ୍ତି। ଭୋଟ ଦେଇ ଦେଶ ଗଠନର ସହାୟକ ହେବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣାପଡିଛି। ଅତିରିକ୍ତ ଜିଲାପାଳ ଡ. ଭକ୍ତ ଚରଣ ପ୍ରଧାନ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ନିଜର ଭୋଟରଙ୍କୁ ସଚେତନ କରିବ ବୋଲି ଜଣାପଡିଛି।



ସଚେତନତା ରଥକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

# ପ୍ରୋତ୍ସାହନ ଆଶାରେ ଫୁଲଚାଷୀ

**କେନ୍ଦୁଝର, ୧।୩(ସ୍ୱ.ପ୍ର.)**

- ଅନ୍ୟ ରାଜ୍ୟକୁ ଭରସା କରୁଛନ୍ତି ଚାଷୀ
- ଚାଷ ପାଇଁ ଜଳସେଚନର ସୁବିଧା ନାହିଁ



ଏକ କ୍ଷେତରେ ହୋଇଥିବା ଫୁଲ ଚାଷ।

ଫୁଲର ଚାହିଦା ସବୁଠି ରହିଛି। ଫୁଲ ବ୍ୟବସାୟ ଭଲ ଚାଲିଛି। ଜିଲାରେ ଭିତ୍ତିଭୂମି ଥିବା ସହ ଚାଷୀଙ୍କ ମଧରେ ଆଗ୍ରହ ଥିଲେ ହେଁ ପ୍ରୋତ୍ସାହନ ଅଭାବରୁ ଲାଭ ଜନକ ଫୁଲ ଚାଷ ଆଗେଇ ପାରୁନାହିଁ। ବାଧ ହୋଇ ଫୁଲ ବ୍ୟବସାୟୀ କଲିକତା, ଟାଟା, ରାଉରକେଲା ଆଦି ଅଞ୍ଚଳରୁ ଫୁଲ କିଣି ଆଣି ବିକ୍ରି କରୁଛନ୍ତି। ସୌନ୍ଦର୍ଯ୍ୟର ପ୍ରତୀକ ଫୁଲ ଦୈନନ୍ଦିନ ପୂଜା କାମ ସହିତ ବିଭିନ୍ନ ସଭାସମିତି, ବାହାଘର ଓ ବ୍ରତଘର ଆଦିରେ ବହୁଳ ବ୍ୟବହାର ହୋଉଛି। ପର୍ଯ୍ୟାପ୍ତ ଫୁଲ ଉପଲବ୍ଧ ହେଉ ନ ଥିବାରୁ ବାହାରୁ ଫୁଲ ଆମଦାନୀ କରିବାକୁ ପଡୁଛି। ପୂଜା ପାଇଁ ବାହାରୁ କିଣିବାକୁ ପଡୁଛି। ଲୋକେ ବାସୀ ଫୁଲ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏଭଳି ପରିସ୍ଥିତିରେ ଫୁଲଚାଷକୁ ଗୁରୁତ୍ୱ ଦିଆଗଲେ ସମସ୍ୟା ଦୂର ହୋଇପାରନ୍ତା ବୋଲି ଚାଷୀ ଶରତ ନାୟକ କହିଛନ୍ତି।

ଜିଲାର ସଦର, ହରିଚନ୍ଦନପୁର, ବାଂଶପାଳ, ତେଲକୋଇ, ଝୁମ୍ପୁରା ଆଦି ଅଞ୍ଚଳର ଚାଷୀ ଫୁଲ ଚାଷ କରି ଦୁଇ ପଇସା ରୋଜଗାର କରୁଛନ୍ତି। ଉପଯୁକ୍ତ ସହାୟତା ଓ ପ୍ରୋତ୍ସାହନ ମିଳୁ ନ ଥିବାରୁ ଅଧିକ ଉତ୍ପାଦନ ହୋଇପାରୁନି। ଦୈନିକ କେନ୍ଦୁଝର ସହର ସମେତ ବିଭିନ୍ନ ହାଟ ବଜାରରେ ଫୁଲର ବିକ୍ରିକୁ ଦେଖିଲେ ଫୁଲର ଚାହିଦା କେତେ ତାହା ବେଶ ଜଣାପଡୁଛି। ଲୋକେ ବାଡିବଗିଚାରେ ଆଗଭଳି ଫୁଲ ଗଛ ଲଗାଉ ନାହାନ୍ତି। ବଜାରରେ ବିକ୍ରି ହେଉଥିବା ଫୁଲ ଉପରେ ଲୋକେ ନିର୍ଭରଶୀଳ ହେଉଛନ୍ତି। ରାସ୍ତା କଡରେ ଫୁଲ ଭାଗ ୧୦ ଟଙ୍କାରେ ବିକ୍ରି ହେଉଛି। ସବୁ ଫୁଲ ବାହାରୁ ଆଣି ବିକ୍ରି କରାଯାଉଛି। ଏହି ଜିଲାରେ ଉପଲବ୍ଧ ହେଲେ କମ ଦାମରେ ଫୁଲ ମିଳିପାରନ୍ତା ଚାଷୀ ମଧ ଉପକୃତ ହୋଇ ପାରନ୍ତେ ବୋଲି ଫୁଲ ସଜାଇ ରୋଜଗାର କରୁଥିବା ବ୍ୟବସାୟୀ ମତବ୍ୟକ୍ତ କରୁଛନ୍ତି। ଜଳସେଚନ ସୁବିଧା ନ ଥିବାରୁ ବହୁ ଚାଷୀ ଫୁଲ ଚାଷ କରିପାରୁ ନ ଥିବା କହିଛନ୍ତି। ବର୍ତ୍ତମାନ ସମୟରେ ଫୁଲର ଚାହିଦା ବୃଦ୍ଧି ପାଉଥିବାରୁ ପ୍ରଶାସନ ଏଭଳି ଫୁଲ ଚାଷୀଙ୍କୁ ପ୍ରୋତ୍ସାହିତ କଲେ ଚାଷୀ ଲାଭବାନ ହୋଇ ପାରନ୍ତେ। ଚାହିଦା ପୂରଣ ହୋଇ ପାରନ୍ତା ବୋଲି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଦନ ମୋହନ ଦ୍ୱିବେଦୀ କହିଛନ୍ତି।

